## ଆଜି କ'ଣ କେଉଁଠି

**ଯାଜପୁର**

- ଷଷ୍ଠ ଜିଲା ପରିଷଦର ଚତୁର୍ଥ ସାଧାରଣ ବୈଠକ। ସ୍ଥାନ : ଜିଲା ପରିଷଦ ସ୍ୱରୋଜଗାର ପ୍ରଶିକ୍ଷଣ କେନ୍ଦ୍ର। ସମୟ : ପୂର୍ବାହ୍ନ ୧୦ଟା।

### ବିଞ୍ଝାରପୁର ଓ ଦଶରଥପୁର ବ୍ଲକ

# ୪ ଆର୍‌ଆଇ ଅଫିସ ଖୋଲିବାକୁ ମଞ୍ଜୁରୀ

**ପ୍ରୀତିପୁର,୩୦।୧(ସୁଶାନ୍ତ ବେହୁରିଆ):**

ଯାଜପୁର ଜିଲା ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ଅଧୀନ ବିଞ୍ଝାରପୁର ଓ ଦଶରଥପୁର ବ୍ଲକରେ ନୂତନ ଭାବେ ୪ ଆର୍‌ଆଇ ଅଫିସ ଖୋଲିବାକୁ ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ଚିଠି ନଂ. ୪୫୧୭୪ରେ ବିଞ୍ଝାରପୁର ବ୍ଲକ୍ ଅଧୀନ ଡିହକୁଳା ଓ ସୟଦପୁର ଏବଂ ଦଶରଥପୁର ବ୍ଲକ ଅଧୀନ ଛତ୍ରପଡା ଓ କୟାଁଠାରେ ଏହି ଅଫିସ ଖୋଲାଯିବାକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ଡିହକୁଳା ଏବଂ କୟାଁ କାର୍ଯ୍ୟାଳୟ ଅଧୀନରେ ଗୋଟିଏ ଲେଖାଏ ପଞ୍ଚାୟତ ରହିଥିବାବେଳେ ଛତ୍ରପଡ଼ା ଓ ସୟଦପୁର କାର୍ଯ୍ୟାଳୟ ଅଧୀନରେ ୨ ଲେଖାଏ ପଞ୍ଚାୟତ ରହିବ। ଏହି ନୂତନ ୪ କାର୍ଯ୍ୟାଳୟକୁ ମିଶାଇ ଜିଲାରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସଂଖ୍ୟା ୧୧୬ ପହଞ୍ଚିଛି। ଅନ୍ୟପକ୍ଷରେ ନୂତନ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଖୋଲିବା ପାଇଁ ମଞ୍ଜୁରୀ ମିଳିଥିବାରୁ ବିଞ୍ଝାରପୁର ଜନସାଧାରଣଙ୍କ ତରଫରୁ ବିଞ୍ଝାରପୁର ଯୁବ ବିଜେଡି ସଭାପତି ପ୍ରଭାତ ଦାସ, ବ୍ଲକ ବିଜେଡି ସଭାପତି ଦିଲୀପ ରାଉଳ, ଛାତ୍ର ବିଜେଡି ସଭାପତି ଚିନ୍ମୟ ମାହୁନ୍ତ, ତୁଷାର ସାମଲ, ଯୁବନେତା ବିରଜା ମଲ୍ଲିକ, ରୋଶନ ଦାସ, ଜିତେନ୍ଦ୍ର ପ୍ରଧାନ, ଅମିତ ନାୟକ ଓ ସୁବ୍ରତ ସାମଲ ପ୍ରମୁଖ ବାଚସ୍ପତି ପ୍ରମିଳା ମଲ୍ଲିକଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ୪ ଚୋରା ମାଙ୍କଡ଼ା ପଥର କଟା ମେଶିନ ଜବତ

**ଛତିଆ,୩୦।୧(ସୌମ୍ୟ ରଞ୍ଜନ ସାହୁ):**

କଟକ ବନଖଣ୍ଡ ଅନ୍ତର୍ଗତ ବୈରୀଠାରେ ଥିବା ଡାଳିଯୋଡ଼ା ବନାଞ୍ଚଳ ପକ୍ଷରୁ ମଣିଆ ହଦ ମୁଣ୍ଡା ସାହି ନିକଟ ଚୋରା ମାଙ୍କଡ଼ା ପଥର ଖାଦାନରେ ଚଢ଼ାଉ କରାଯାଇ ପଥର କଟାରେ ବ୍ୟବହାର ହେଉଥିବା ୪ ମେଶିନକୁ ଜବତ କରାଯାଇଛି। ମଙ୍ଗଳବାର ସକାଳେ ଡାଳିଯୋଡ଼ା ରେଞ୍ଜର ହିମାଂଶୁ ଶେଖର ପୃଷ୍ଟି, କଟକ ଭିଜିଲାନ୍ସ ରେଞ୍ଜର ବବିତା ସୋରେନ, ବୈରୀ ଫରେଷ୍ଟର ମାଣିକ ମୁଣ୍ଡା, ସଫା ଫରେଷ୍ଟର କୃଷ୍ଣଚନ୍ଦ୍ର ଟୁଡୁ ଓ ଭିଜିଲାନ୍ସ ଟିମ ମିଳିତ ଭାବେ ଯାଜପୁର ଓ କଟକ ଜିଲାର ସୀମାବର୍ତ୍ତୀ ଗ୍ରାମ ମଣିଆ, ଅମିୟଝରୀ ଓ ବୈରୀ ଅଞ୍ଚଳରେ ଚଢ଼ାଉ କରିଥିଲେ। ଜବତ ମେଶିନକୁ ବୈରୀସ୍ଥିତ ଡାଳିଯୋଡ଼ା ବନ ବିଭାଗ କାର୍ଯ୍ୟାଳୟରେ ରଖାଯାଇଛି। ଏନେଇ ଜଙ୍ଗଲ ବିଭାଗ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଡାଳିଯୋଡ଼ା ରେଞ୍ଜର ପୃଷ୍ଟି ପ୍ରକାଶ କରିଛନ୍ତି।

# ଖୋଲୁନି ଖାଦ୍ୟ ସୁରକ୍ଷା ଯୋଜନା ୱେବ୍‌ସାଇଟ୍

- ହିତାଧିକାରୀଙ୍କ ପରିବାର ସଦସ୍ୟ ଯୋଡ଼ିହୋଇ ପାରୁନାହାନ୍ତି
- ନୂଆ ଆବେଦନକାରୀଙ୍କୁ ସାମିଲ କରାଯାଇ ପାରୁନାହିଁ



**ରସୁଲପୁର,୩୦।୧(ରଞ୍ଜିତ ରାଉତ):**

୨୦୧୩ରୁ ଦେଶରେ ଲାଗୁ ହୋଇଥିବା ଖାଦ୍ୟ ସୁରକ୍ଷା ଆଇନ ଯୋଜନା ଏବେ ବାଟବଣା ହୋଇଛି। ଏହାର ଜ୍ୱଳନ୍ତ ଉଦାହରଣ ବିଭାଗର ୱେବ୍‌ସାଇଟ୍ ବର୍ଷାଧିକ କାଳ ନ ଖୋଲିବା ଘଟଣାରୁ ସ୍ପଷ୍ଟ ହୋଇଛି। ଏଭଳିସ୍ଥିତିରେ ବହୁ ହିତାଧିକାରୀ ପରିବାର ସଦସ୍ୟଙ୍କ ନାମକାର୍ଡରେ ଯୋଡ଼ି ହୋଇପାରୁନାହିଁ। ସେହିପରି ନୂଆ ଲୋକଙ୍କୁ ମଧ୍ୟ ଯୋଜନାରେ ସାମିଲ କରାଯାଇ ପାରୁନାହିଁ। ଏହି ହାରରେ ଯାଜପୁର ଜିଲା ରସୁଲପୁର ବ୍ଲକରେ ୨ ହଜାରରୁ ଅଧିକ ଲୋକେ ପୁରୁଣା କାର୍ଡରେ ନାମ ଯୋଡ଼ିବାକୁ ଅପେକ୍ଷାରତ ଅଛନ୍ତି। ସେମାନେ ଅନଲାଇନରେ ନାମ ପଞ୍ଜୀକରଣ କରିଛନ୍ତି। ମାତ୍ର ଖାଦ୍ୟ ସୁରକ୍ଷା ପୋର୍ଟାଲ ଖୋଲୁ ନ ଥିବାରୁ ସେମାନଙ୍କ ଆବେଦନପତ୍ରକୁ ଅନୁମୋଦନ ମିଳିପାରୁନାହିଁ। ଫଳରେ ଏହାକୁ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଇଛି। ତେଣୁ ଶୀଘ୍ର ସମସ୍ୟାର ସମାଧାନ କରିବାକୁ ଦାବି ହୋଇଛି।

ଦେଶର ନାଗରିକଙ୍କୁ ଖାଦ୍ୟ ସୁରକ୍ଷା ଅଧିକାର ପ୍ରଦାନ କରାଯାଇଛି। ଏଥିପାଇଁ ଅନ୍ତ୍ୟୋଦୟ ଅନ୍ନ ଯୋଜନା, ଅନ୍ନପୂର୍ଣ୍ଣା ଯୋଜନା, ପିଏଚ୍‌ଏଚ୍(ପ୍ରାଓରିଟ୍ ହାଉସ ହୋଲ୍ଡ) ଭଳି ଯୋଜନା ଆଳରେ ହିତାଧିକାରୀ ପରିବାରକୁ କାର୍ଡ ପ୍ରଦାନ କରାଯାଇଛି। କେନ୍ଦ୍ର ସରକାର ୨ ତୃତୀୟାଂଶ ଲୋକଙ୍କୁ ଯୋଜନାରେ ପରିସରଭୁକ୍ତ କରିଛନ୍ତି। ସେହି ଆଧାରରେ କାର୍ଡଧାରୀଙ୍କୁ ରିହାତି ଦରରେ ଗହମ, ଚାଉଳ ଆଦି ରାଶନ ସାମଗ୍ରୀ ପ୍ରଦାନ କରାଯାଉଛି। କେନ୍ଦ୍ର ସରକାରଙ୍କ ଖାଦ୍ୟ ସୁରକ୍ଷା ଆଇନ ଓଡ଼ିଶା ରାଜ୍ୟ ପାଇଁ ପର୍ଯ୍ୟାପ୍ତ ହୋଇ ନ ପାରିବାରୁ ରାଜ୍ୟ ସରକାର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ଲାଗୁ କରିଛନ୍ତି। ଉକ୍ତ ଯୋଜନାରେ ରାଜ୍ୟ ସରକାର ରିହାତି ରାଶନ ସାମଗ୍ରୀ ଯୋଗାଇ ଦେଉଛନ୍ତି। ମାତ୍ର ଏତେ ସବୁ ସୁବିଧା ସତ୍ତ୍ୱେ ପରିବାରର ନୂଆ ସଦସ୍ୟ ଯଥା; ନବବିବାହିତା, ୬ବର୍ଷରୁ ଉର୍ଦ୍ଧ୍ୱ ଶିଶୁମାନଙ୍କ ନାମକୁ କାର୍ଡରେ ଯୋଡ଼ିବାରେ ପୋର୍ଟାଲ ବାଧକ ସାଜିଛି। ସରକାରୀସ୍ତରରେ ଏହି ପୋର୍ଟାଲକୁ ବନ୍ଦକରି ଦିଆଯାଇଥିବାରୁ ଲୋକେ ସେମାନଙ୍କ ଅଧିକାରରୁ ବଞ୍ଚିତ ହେଉଛନ୍ତି।

ଏହାଛଡ଼ା ୨୦୧୧ରେ ଜନଗଣନା ହୋଇଥିଲା। ଏହାରି ଭିତରେ ୧୨ବର୍ଷ ବିତି ସାରିଲାଣି। ବ୍ଲକସ୍ତରରେ ଶତାଧିକ ନୂଆ ପରିବାର ସୃଷ୍ଟି ହୋଇସାରିଛନ୍ତି। କାର୍ଡ ପଞ୍ଜୀକରଣ ସମୟରେ ଅବିବାହିତ ପୁଅମାନେ ମା'ବାପାଙ୍କ ସହ ସାମିଲ ହୋଇ ରହିଆସୁଛନ୍ତି। କେତେକ ସ୍ଥାନରେ ମୂଳ ପରିବାରରୁ ପୁଅମାନେ ଅଲଗା ହୋଇଗଲେଣି। ଏବେ କାର୍ଡ ପୃଥକୀକରଣ ପାଇଁ କୌଣସି ବିକଳ୍ପ ବ୍ୟବସ୍ଥା ନ ଥିବାରୁ ରାଶନ ସାମଗ୍ରୀ ଉଠାଇବାବେଳେ ପରିବାର ମଧ୍ୟରେ ଦ୍ୱନ୍ଦ୍ୱ ଉପୁଜୁଛି। କେନ୍ଦ୍ର ସରକାର ୱାନ ନେଶନ ୱାନ ରାଶନ ବ୍ୟବସ୍ଥା କରିବା ଦ୍ୱାରା ହିତାଧିକାରୀ ଦେଶର ଯେକୌଣସି ସ୍ଥାନରେ ରାଶନ ସାମଗ୍ରୀ ଉଠାଇବାର ସୁବିଧା ଦିଆଯାଉଛି। ମାତ୍ର କାର୍ଡ ପୃଥକୀକରଣ ବ୍ୟବସ୍ଥା କରାଯାଇ ନ ଥିବାରୁ ତାହା ସଫଳ ହୋଇପାରୁନାହିଁ। ଖାଦ୍ୟ ସୁରକ୍ଷା ୱେବସାଇଟ୍ ଖୋଲୁ ନ ଥିବାରୁ ହିତାଧିକାରୀଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏହି ୱେବସାଇଟ୍‌କୁ ସର୍ବଦା ଖୋଲା ରଖିବା ସହ ଅଯୋଗ୍ୟଙ୍କୁ ବାଦ୍ ଓ ଯୋଗ୍ୟଙ୍କୁ ଯୋଡ଼ିବା ପାଇଁ ଦାବି ହୋଇଛି। ପଞ୍ଚାୟତକୁ ଏକ ୟୁନିଟ୍ ଭାବରେ ଗ୍ରହଣ କରାଯାଇ ଗୋଟିଏ ପଞ୍ଚାୟତର ଯେତିକି ଲୋକଙ୍କୁ କାର୍ଡରୁ ବାଦ ଦିଆଯିବ ତା' ବଦଳରେ ସେତିକି ପରିମାଣର ଲୋକଙ୍କୁ ଯୋଗ କରିପାରିବା କ୍ଷମତା ପଞ୍ଚାୟତ ହାତକୁ ଦିଆଯାଉ ବୋଲି ବହୁ ଜନପ୍ରତିନିଧି ଦାବି କରିଛନ୍ତି। ଏ ସମ୍ପର୍କରେ ରସୁଲପୁର ବ୍ଲକ ଯୋଗାଣ ଅଧିକାରୀ ଟୁନାରାଣୀ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ଖାଦ୍ୟ ସୁରକ୍ଷା ଯୋଜନା ୱେବସାଇଟ୍ ବନ୍ଦଥିବାରୁ କାର୍ଡରେ ନୂଆ ଲୋକଙ୍କୁ ଯୋଗ କରିବା, ନୂଆକରି ଚିହ୍ନଟ କରାଯାଉଥିବା ପରିବାରଙ୍କ କାର୍ଡ ଇସ୍ୟୁ କରିବା ଓ ପରିବାର ପୃଥକୀକରଣ କରିବା ଆଦି କାର୍ଯ୍ୟ ସମ୍ଭବ ହୋଇପାରୁନାହିଁ। ୱେବସାଇଟ୍ ଖୋଲିବା ପରେ ଯାହା ନିର୍ଦ୍ଦେଶ ଆସିବ ସେହି ମୁତାବକ ପଦକ୍ଷେପ ନିଆଯିବ। ଦେଖିବାକୁ ଅପେକ୍ଷା ଆଗକୁ ଏ ଦିଗରେ କ'ଣ ପଦକ୍ଷେପ ନିଆଯାଉଛି।

# ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲ

## ନାବାଳିକା ଛାତ୍ରୀଙ୍କୁ ବଳାତ୍କାର ମାମଲା

**ଯାଜପୁର ଟାଉନ,୩୦।୧ (ପ୍ରଯୁକ୍ତା ପ୍ରିୟଦର୍ଶନୀ ମହାନ୍ତି):**

କଳିଙ୍ଗନଗର ଥାନା ଅଞ୍ଚଳର ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଯାଜପୁର ଅତିରିକ୍ତ ସ୍ପେଶାଲ ପୋକ୍ସୋ କୋର୍ଟ ବିଚାରପତି ବିଜୟ କୁମାର ଜେନା ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲ ଦଣ୍ଡାରେ ଦଣ୍ଡିତ କରିବା ସହ ୧୦ ହଜାର ଟଙ୍କା ଜରିମାନା କରି କରିଛନ୍ତି। ଜରିମାନା ଅନାଦେୟ ଅଧିକ ୬ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଦର୍ଶାଯାଇଛି। ପୀଡ଼ିତାଙ୍କୁ ୫ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଜିଲା ଆଇନ ପ୍ରାଧିକରଣ ସେବାକୁ ନିର୍ଦ୍ଦେଶ ଦିଆଯାଇଛି। ମାମଲାର ବିବରଣୀ ଅନୁଯାୟୀ, ୨୦୧୮ ମେ' ୧୨ ପୂର୍ବାହ୍ନ ୧୧ଟାରେ ୮ବର୍ଷୀୟା ନାବାଳିକା ତାଙ୍କ ସାଙ୍ଗଙ୍କ ସହିତ ନିକଟ ଜଙ୍ଗଲକୁ କୁସୁମ କୋଳି ଖାଇବାକୁ ଯାଇଥିଲେ। ସେଠାରୁ ଫେରିବା ରାସ୍ତାରେ ଏହି ଥାନା ଅଧୀନ ଦୁର୍ଗାପୁର ଗ୍ରାମର ମାତାଇ ଜାମୁଦା (୨୭) ନାମକ ଜଣେ ଯୁବକ ନାବାଳିକାଙ୍କୁ ତାଙ୍କ ବାପା ଡାକୁଛନ୍ତି ବୋଲି କହି ସାଙ୍ଗରେ ନେଇ ଆସିଥିଲେ। ରାସ୍ତାର ଏକ ନିଛାଟିଆ ସ୍ଥାନରେ ମାତାଇ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ନାବାଳିକା ଘରକୁ ଫେରି ଘଟଣା ସମ୍ପର୍କରେ ତାଙ୍କ ମା'ଙ୍କୁ ଜଣାଇଥିଲା। ପରେ ତାଙ୍କ ବାପା ଏନେଇ କଳିଙ୍ଗନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଉକ୍ତ ଏତଲାକୁ ଭିତ୍ତିକରି ଅଭିଯୁକ୍ତ ମାତାଇଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେହିଦିନରୁ ମାତାଇ ଜେଲରେ ଦିନ କାଟୁଥିଲେ। ମାମଲାର ଚୂଡ଼ାନ୍ତ ବିଚାର କରି ୧୦ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। ମାମଲାକୁ ପବ୍ଲିକ ପ୍ରସ୍ୟୁକ୍ୟୁଟର ରାଜେନ୍ଦ୍ର କୁମାର ନାୟକ ପରିଚାଳନା କରୁଥିଲେ।

# ବରୀ ବିଦ୍ୟୁତ୍ ବିଭାଗର ସଡ଼କ ସୁରକ୍ଷା ସଚେତନତା



ଜଣେ ବାଇକ୍ ଆରୋହୀଙ୍କୁ ସଚେତନ କରାଯାଉଛି।

**ବରୀ,୩୦।୧(ମହେନ୍ଦ୍ର ସ୍ୱାଇଁ):**

ବରୀ ବ୍ଲକ୍ ବିଦ୍ୟୁତ୍ ବିଭାଗ ପକ୍ଷରୁ ଏକ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରୀ ସବ୍‌ଡିଭିଜନ ଅଧିକାରୀ ଇଂ. ଭବାନୀ ଶଙ୍କର ରାୟଙ୍କ ତତ୍ତ୍ୱାବଧାନରେ ବ୍ଲକ ଅଧୀନ ଅଟିରାସ୍ଥିତ ବିଦ୍ୟୁତ୍ ୬ ଷ୍ଟ୍ରକଚର୍‌ଠାରୁ ଏକ ଶୋଭାଯାତ୍ରା ବାହାରି ସନ୍ଥନ ଛକ, ବାଲିଆପାଳ ଛକ ଦେଇ ବରୀ ବଜାରରେ ଶେଷ ହୋଇଥିଲା। ଏଥିରେ ୨ ବିଦ୍ୟୁତ୍‌କର୍ମଚାରୀ ଜମରାଜା ଏବଂ ଚିତ୍ରଗୁପ୍ତଙ୍କ ବେଶରେ ସଜ୍ଜିତ ହୋଇ ବାଇକ୍ ଚାଳକଙ୍କୁ ହେଲମେଟ ବ୍ୟବହାର କରିବା ଏବଂ କାର୍ ଯାତ୍ରୀଙ୍କୁ ସିଟ ବେଲ୍ଟ ବ୍ୟବହାର କରିବାକୁ ସଚେତନ କରାଇଥିଲେ। ସେହିପରି ମଦ୍ୟପାନ କରି ଓ ଦ୍ରୁତ ଗତିରେ ଗାଡ଼ି ନ ଚଳାଇବାକୁ ପରାମର୍ଶ ଦେଇଥିଲେ। ଟ୍ରାଫିକ ନିୟମ ମାନି ଗାଡ଼ି ଚଳାଇବାକୁ ସାଧାରଣ ଲୋକଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ଇଂ. ପତିତ ପାବନ ପଣ୍ଡା, ଇଂ. ବିକ୍ରମ ଗୌଡ଼, ଇଂ. ଦେବବ୍ରତ ପୃଷ୍ଟି, ବିଶ୍ୱଜିତ ବେହେରା ଓ ଦୀପକ ଦାଶଙ୍କ ସମେତ ଟାଟା ପାୱାରର ସମସ୍ତ ଲାଇନ ମ୍ୟାନ ଏବଂ କର୍ମଚାରୀ ଉପସ୍ଥିତଥିଲେ।

# ନିଶାମୁକ୍ତ ଓଡ଼ିଶା ଦାବିରେ ଗଣଧାରଣା



ବିଞ୍ଝାରପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଗଣଧାରଣା ଦିଆଯାଇଛି।

**ବିଞ୍ଝାରପୁର/ପ୍ରୀତିପୁର,୩୦।୧ (ରାମକୃଷ୍ଣ ଦାସ/ସୁଶାନ୍ତ ବେହୁରିଆ):**

ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ଉପଲକ୍ଷେ ମଙ୍ଗଳବାର ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ବିଞ୍ଝାରପୁର ଶାଖା ପକ୍ଷରୁ ଓଡ଼ିଶାକୁ ନିଶାମୁକ୍ତ କରିବା ଦାବିରେ ବିଞ୍ଝାରପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଗଣଧାରଣା ଦିଆଯାଇଛି। ଏଥିରେ ସାମାଜିକ କର୍ମୀ, ବରିଷ୍ଠ ନାଗରିକ, ଶିକ୍ଷାର୍ଥୀ, ମହିଳା ଓ ବିଭିନ୍ନ ଗଣସଙ୍ଗଠନର କର୍ମକର୍ତ୍ତା ଯୋଗଦାନ କରିଥିଲେ। ଓଡ଼ିଶାକୁ ନିଶାମୁକ୍ତ ରାଜ୍ୟ ଘୋଷଣା ଦାବିରେ ବକ୍ତାମାନେ ଗଣଧାରଣାସ୍ଥଳରେ ମତବ୍ୟକ୍ତ କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଞ୍ଝାରପୁରର ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ବୀରେନ୍ଦ୍ର କୁମାର ଦାସଙ୍କୁ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ବିଞ୍ଝାରପୁର ଶାଖା ସଭାପତି ଭୁବନାନନ୍ଦ ସାମଲ, କୃଷକ ନେତା ରବୀନ୍ଦ୍ର ଜେନା, ସାମାଜିକ କର୍ମୀ ମଧୁସୂଦନ ଜେନା, ସୂଚନା ଅଧିକାର କର୍ମୀ ସୀମାନ୍ତ କୁମାର ପାତ୍ର, ଖବରଦାତା କୈଳାଶ ଚନ୍ଦ୍ର ଜେନା, ହିରନ୍ୟ ସାମଲ, ଶ୍ରୀକାନ୍ତ ପ୍ରଧାନ, ବାସୁଦେବ ରାଉତ, ସରସ୍ୱତୀ ମଳିକ, ସୁବୋଧ ଧଳ, ଅରୁଣଜିତ ରାଉତରାୟ, ବିଜୟ କୁମାର ସାମଲ, ଜଗତମୋହନ ସାହୁ, ରାକେଶ କୁମାର ସାମଲ, ସୁରେଶ ନନ୍ଦ, ସଞ୍ଜୟ କୁମାର ବେହେରା ଓ କୈକେୟୀ ମଳିକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ବ୍ୟାସକବିଙ୍କ ଜୟନ୍ତୀ ପାଳିତ

**ଧର୍ମଶାଳା,୩୦।୧(ବଟକୃଷ୍ଣ ପରିଡ଼ା):**

ଜାରକା ଗାର୍ଡ କାର୍ଯ୍ୟାଳୟ ପରିସରରେ ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସଭାପତି କାହ୍ନୁଚରଣ ଦାଶଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥିଭାବେ ପଣ୍ଡିତ କାମଦେବ ଶତପଥୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଫକୀରମୋହନଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସ୍ତମ୍ଭକର ନବଘନ ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇ ବ୍ୟାସକବିଙ୍କ ସାହିତ୍ୟ କ୍ଷେତ୍ର ଉପରେ ମତବ୍ୟକ୍ତ କରିଥିଲେ। ସାଧାରଣ ସମ୍ପାଦକ ଡ. ପ୍ରଶାନ୍ତ ସ୍ୱାଇଁ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସଭାପତି ବେଣୁଧର ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। କଥାକାର ଅର୍ଜୁନ ପୃଷ୍ଟି, ସାହିତ୍ୟିକ ଯୁଧିଷ୍ଠିର ସ୍ୱାଇଁ, ପ୍ରଫୁଲ୍ଲ ସ୍ୱାଇଁ, ଗୋଲକ ଚନ୍ଦ୍ର ପଲେଇ, ସବିତା ମିଶ୍ର, ସତ୍ୟାନନ୍ଦ ନାୟକ, ନୃସିଂହ ଚରଣ ମିଶ୍ର, ଦୀନବନ୍ଧୁ ତ୍ରିପାଠୀ ଓ ଦେବେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କବି ଅଖିଳ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ଜିଲାପାଳଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ଯାଜପୁର ଟାଉନ,୩୦।୧ (ପ୍ରଯୁକ୍ତା ପ୍ରିୟଦର୍ଶନୀ ମହାନ୍ତି):**

ଯାଜପୁର ଜିଲା କାର୍ଯ୍ୟାଳୟ ଷ୍ଟାଫ୍ କମିଟି ପକ୍ଷରୁ ମଙ୍ଗଳବାର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ବିଦାୟୀକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଶୁଭେନ୍ଦ୍ର ସାମଲଙ୍କ ଅଧ୍ୟକ୍ଷତାରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଉପଜିଲାପାଳ ଗୋପୀନାଥ କୁଅଁର, ଡେପୁଟି କଲେକ୍ଟର (ସଂସ୍ଥା) ସୋନମ ଦାସ, ଡେପୁଟି କଲେକ୍ଟର (ସାଧାରଣ ଓ ବିବିଧ) ସାଶ୍ୱତୀ ସୁଲୁଆଲ, ଡେପୁଟି କଲେକ୍ଟର (ନିର୍ବାଚନ) କ୍ଷୀରୋଦ ଦାସ, ଜିଲା ସମାଜ ମଙ୍ଗଳ ଅଧିକାରୀ ମଞ୍ଜୁଲତା ନାୟକ, ଜାତୀୟ ସୂଚନା ବିଜ୍ଞାନ ଅଧିକାରୀ ସୁଧାଂଶୁ ଶେଖର ଶତପଥୀ, ଭୂଅର୍ଜନ ଅଧିକାରୀ ସୂର୍ଯ୍ୟପ୍ରକାଶ ନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ଜ୍ଞାନରଞ୍ଜନ ସେଠୀ, ଜିଲା କାର୍ଯ୍ୟାଳୟ ଷ୍ଟାଫ୍ କମିଟି ସଭାପତି ନିଗମାନନ୍ଦ ମାନ୍ଧାତା, ସମ୍ପାଦକ ମଦନ ମୋହନ ପତିଙ୍କ ସମେତ ଜିଲା କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ରହି ବିଦାୟୀ ଜିଲାପାଳଙ୍କ କାର୍ଯ୍ୟଦକ୍ଷତା ଉପରେ ବକ୍ତବ୍ୟ ରଖିବା ସହ ତାଙ୍କର ଉତରୋତ୍ତର ଉନ୍ନତି କାମନା କରିଥିଲେ। ରାଠୋରଙ୍କୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଯୁଗ୍ମସଚିବ ଭାବେ ବଦଳି କରାଯାଇଛି।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବ ହରିଶଙ୍କର ନୋଡାଲ ସ୍କୁଲ୍

**ଚଣ୍ଡିଖୋଲ,୩୦।୧(ପ୍ରଦୀପ୍ତ କୁମାର ପୃଷ୍ଟି):**

ବିଦ୍ୟାଳୟଗୁଡ଼ିକର ସ୍ୱଚ୍ଛତା ଓ ଶିକ୍ଷାଦାନକୁ ନେଇ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯିବ। ସାରା ରାଜ୍ୟର ଉତ୍କୃଷ୍ଟ ମାନକୁ ଦେଖି ମୋ ସ୍କୁଲ ଅଭିଯାନରେ ସଫଳତା ହାସଲ କରିଥିବା ୩୦୦ ବିଦ୍ୟାଳୟକୁ ଜାନୁଆରୀ ୩୧ରେ ଏହି ପୁରସ୍କାର ମିଳିବ। କଳିଙ୍ଗ ଷ୍ଟାଡିୟମଠାରେ ମୁଖ୍ୟମନ୍ତ୍ରୀ ଏହି ପୁରସ୍କାର ପ୍ରଦାନ କରିବେ। ଏଥିଲାଗି ବଡ଼ଚଣା ବ୍ଲକ୍‌ର ଏକମାତ୍ର ବିଦ୍ୟାଳୟ ପାରିଆ ପଞ୍ଚାୟତର ବରୁଣିଆ ସ୍ଥିତ ହରିଶଙ୍କର ନୋଡାଲ ବିଦ୍ୟାଳୟ ଏହି ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛି। ଏଥିଲାଗି ୨୯ ତାରିଖରେ ମୋ ସ୍କୁଲ ଅଭିଯାନ ପରିଚାଳନା ସଂଗଠନ ପକ୍ଷରୁ ମୁଖ୍ୟନିର୍ବାହୀ ଅଧିକାରୀ ସ୍କୁଲ୍‌କୁ ସୂଚନା ଦେଇଛନ୍ତି। ସେହିଭଳି ପଞ୍ଚାୟତସ୍ତରୀୟ ମୋ ସ୍କୁଲ ଅଭିଯାନରେ ବ୍ଲକ୍‌ର କୁନ୍ଦଳ ପଞ୍ଚାୟତକୁ ଶ୍ରେଷ୍ଠ ଶିକ୍ଷା ପଞ୍ଚାୟତ ଭାବେ ବିବେଚନା କରାଯାଇଛି।

# ବିଶ୍ୱ ଓଡ଼ିଆ ଭାଷା ସାହିତ୍ୟ ଉତ୍ସବ ପାଳିତ




ବିଶ୍ୱ ଓଡ଼ିଆ ଭାଷା ସାହିତ୍ୟ ଉତ୍ସବରେ ଯୋଗଦେଇଥିବା ଅତିଥି।

**ରସୁଲପୁର,୩୦।୧(ରଞ୍ଜିତ ରାଉତ)**

ଯାଜପୁର ଜିଲା ରସୁଲପୁର ବ୍ଲକ ଉପେନ୍ଦ୍ର ନାଥ ଶାରଦା ମହାବିଦ୍ୟାଳୟ(ୟୁଏନଏସ୍ କଲେଜ) ଖଇରାବାଦ-ମୁଗୁପାଳରେ ନୂଆ-ଓ କାର୍ଯ୍ୟକ୍ରମ ତରଫରୁ ବିଶ୍ୱ ଓଡ଼ିଆ ଭାଷା ସାହିତ୍ୟ ଉତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ 'ଉନ୍ନବିଂଶ ଶତାବ୍ଦୀରେ ଓଡ଼ିଆ ସାହିତ୍ୟରେ ଦିପ୍ତ ଓ ଦ୍ୟୁତି' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଉକ୍ତ ଉତ୍ସବରେ ଜାତିର ପରିଚୟ ତା'ର ଭାଷାରୁ ମିଳିଥାଏ । ମାତୃଭାଷା ଯେତେ ବଳିଷ୍ଠ ଜାତିର ଗୌରବ ସେତେ ବୃଦ୍ଧି ହୋଇଥାଏ । ଭାଷାର ଉନ୍ନତି ଦିଗରେ ଲେଖିକା, ଲେଖକମାନଙ୍କ ବିଶେଷ ଭୂମିକା ରହିଛି। ଭାଷା ପ୍ରୀତି ଜନଜାଗରଣ କରିବା ପାଇଁ ଲେଖିକା ଲେଖକମାନଙ୍କ ଲେଖା ସରଳ, ସାବଲୀଳ ହେବା ସହ ସେଗୁଡିକର ପ୍ରଚାର ପ୍ରସାର କରାଯାଇ ପାରିଲେ ଭାଷା ସମୃଦ୍ଧ ହୋଇପାରିବ। ଏ ଦିଗରେ ବିଦ୍ୟାର୍ଥୀମାନଙ୍କ ପ୍ରମୁଖ ଭୂମିକା ରହିଛି । ସ୍କୁଲ, କଲେଜସ୍ତରରୁ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଏତାଦୃଶା ଗୁଣକୁ ବିକଶିତ କରିବା ପାଇଁ ସରକାରୀସ୍ତରରେ ପ୍ରୋତ୍ସାହିତ କରାଯାଉଛି । ଯାହାକୁ ବାସ୍ତବରୂପ ଦିଆଯାଇ ପାରିଲେ ବିଶ୍ୱ ଓଡ଼ିଆ ଭାଷା ସାହିତ୍ୟ ଦିବସର ଅସଲ ଉଦ୍ଦେଶ୍ୟ ପୂରଣ ହୋଇପାରିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ ।

କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ସୁରେନ୍ଦ୍ର କୁଅଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକ ତଥା କ୍ରାନ୍ତି କଳଙ୍କୀ ପତ୍ରିକାର ସମ୍ପାଦକ ଘନ ପରିଡ଼ା, ମୁଖ୍ୟବକ୍ତା ଅବସରପ୍ରାପ୍ତ ଅଧ୍ୟକ୍ଷ ଡା.ଦାମୋଦର ବେହେରା, ସମ୍ମାନିତ ଅତିଥି ଅଧ୍ୟାପକ ସୁରେନ୍ଦ୍ର ପାତ୍ର, ମଧୁସ୍ମିତା ସିଂହ, ହେମନ୍ତ ରଣା, କାନ୍ତିବାଳା ପଣ୍ଡା, ପଦ୍ମିନୀ ତ୍ରିପାଠୀ, ସିଦ୍ଧାର୍ଥ ଶଙ୍କର ରଥ, ଅରୁଣ ଲାକ୍ରା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଓଡ଼ିଆ ଅଧ୍ୟାପକ ପ୍ରଦୀପ କୁମାର ବଳ ଅତିଥି ପରିଚୟ ପ୍ରଦାନ, ଡ.ବିଦ୍ୟୁଭୂଷଣ ପଣ୍ଡା ସ୍ୱାଗତ ଭାଷଣ ଓ ଓଡ଼ିଆ ବିଭାଗର ମୁଖ୍ୟ କୃଷ୍ଣ ଚନ୍ଦ୍ର ପାଢୀ ମଞ୍ଚ ପରିଚାଳନା କରିଥିଲେ । ଅଧ୍ୟାପିକା ମଧୁସ୍ମିତା ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଭାଗର ବିଦ୍ୟାର୍ଥୀମାନେ ଉତ୍କଳ ସଙ୍ଗୀତ ଗାନ କରିଥିବା ବେଳେ ଶିକ୍ଷା କର୍ମଚାରୀମାନେ ସଭା ପରିଚାଳନାରେ ସହଯୋଗ କରିଥିଲେ ।

# ବିନା ଘୋଡ଼ଣିରେ ବିଷାକ୍ତ ପାଉଁଶ ପରିବହନ

- ପରିବେଶ ପ୍ରଦୂଷଣକୁ ନେଇ ଚିନ୍ତା
- ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଶୂନ୍

**ଯାଜପୁରରୋଡ଼,୩୦।୧(ପବିତ୍ର ରଞ୍ଜନ ମହାନ୍ତି):**



ପାଲ ଘୋଡ଼ା ନ ଯାଇ ଏକ ହାଇୱାରେ ବିଷାକ୍ତ ପାଉଁଶ ନିଆଯାଉଛି।

କଳିଙ୍ଗନଗର ଶିଳ୍ପାଞ୍ଚଳର ବିଭିନ୍ନ କାରଖାନାରେ କୋଇଲାକୁ ଜାଳେଣି ଭାବେ ବ୍ୟବହାର କରାଯାଇଥାଏ । ପରେ ସେଥିରୁ ବହୁ ପରିମାଣରେ ପାଉଁଶ ବାହାରିଥାଏ। ସେହି ପାଉଁଶ କାରଖାନାର କୌଣସି କାମରେ ବ୍ୟବହୃତ ହୋଇ ନ ଥାଏ । ସେହି ବିଷାକ୍ତ ପାଉଁଶ ବାୟୁ ପ୍ରଦୂଷଣ ସୃଷ୍ଟି କରିବା ସହ ପ୍ରାଣୀମାନଙ୍କ ପାଇଁ କ୍ଷତିକାରକ ହୋଇଥାଏ । ଏହାକୁ ଆଖି ଆଗରେ ରଖି ପରିବେଶ ଅନୁକୂଳ ପାଇଁ ସରକାରୀସ୍ତରରେ ଏହାର କେତେକ ବିକଳ୍ପ ବ୍ୟବସ୍ଥା କରାଯାଇଛି। ସେହି ପାଉଁଶ ନିର୍ମାଣ କାର୍ଯ୍ୟରେ ବ୍ୟବହାର ହେଉଥିବା ଇଟା (ଆଶ୍ ବ୍ରିକ୍) ତିଆରି ହେଉଛି। ରାସ୍ତା କାମରେ ବି ସେହି ପାଉଁଶ ବ୍ୟବହାର କରାଯିବାକୁ ଅନୁମତି ରହିଛି । ଏଥିପାଇଁ ପ୍ରତିଦିନ ଶତାଧିକ ପାଉଁଶ ବୋଝେଇ ଟ୍ରକ ବିଭିନ୍ନ ସ୍ଥାନକୁ ଚାଲିଛି। ହେଲେ ଉକ୍ତ ପାଉଁଶ ନେଉଥିବା ଟ୍ରକ୍ ଚାଳକମାନେ ଅତି ଖାମଖିଆଲି ଭାବେ ପରିବହନ କରୁଛନ୍ତି ବୋଲି ଅଭିଯୋଗ ହୋଇଛି।

ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ନିୟମ ଅନୁଯାୟୀ ରାସ୍ତାରେ ପରିବହନ ସମୟରେ ଉକ୍ତ ପାଉଁଶ ଉପରେ ପାଣି ପକାଇବା ସହ ପାଲ ଘୋଡାଇ ନେବାକୁ କଡ଼ା ନିୟମ ରହିଛି । ଯେପରି ଏହି ବିଷାକ୍ତ ପାଉଁଶ ଉଡ଼ି ଅନ୍ୟମାନଙ୍କ ପାଇଁ ବିପଦ ସୃଷ୍ଟି ନ କରୁ କିମ୍ବା ପରିବେଶର କୌଣସି କ୍ଷତି ନ ହେଉ । ହେଲେ ଏହି ନିୟମକୁ ଫୁ କରିଛନ୍ତି କାରଖାନା କର୍ତ୍ତୃପକ୍ଷ । କଳିଙ୍ଗନଗର ବିଭିନ୍ନ କାରଖାନାରୁ ବିଭିନ୍ନ ସ୍ଥାନକୁ ଦୈନିକ ଶତାଧିକ ଟ୍ରିପ ପାଉଁଶ ଜନଗହଳି ପୂର୍ଣ୍ଣ ରାସ୍ତାରେ ଖୁଲମଖୁଲା ପରିବହନ ହେଉଛି । ଏହି ବିଷାକ୍ତ ପାଉଁଶ ପରିବହନ ସମୟରେ ଉକ୍ତ ପାଉଁଶ ଉପରେ ପାଣି ସିଞ୍ଚନ କରାଯାଉନାହିଁ କିମ୍ବା ତା'ଉପରେ ପାଲ ଘୋଡ଼ା ଯାଉନାହିଁ । ନିର୍ଭୟରେ ଟ୍ରକ ଚାଳକମାନେ ଉକ୍ତ ପାଉଁଶ ପରିବହନ କରୁଥିବା ଦେଖିବାକୁ ମିଳୁଛି । ଏପରି କି କ୍ଷମତାଠାରୁ ଅଧିକ (ଓଭର ଲୋଡ଼) ପାଉଁଶ ପରିବହନ କରାଯାଉଛି। କେତେକ ଖୋଲା ସ୍ଥାନରେ ଏହାକୁ ଜମାରଖି ଅନ୍ୟ କାର୍ଯ୍ୟରେ ବ୍ୟବହାର କରାଯାଉଛି । ଏହାଦ୍ୱାରା ସହରରେ ଉକ୍ତ ବିଷାକ୍ତ ପାଉଁଶ ଉଡିବା ଦ୍ୱାରା ରାସ୍ତାରେ ଯାଉଥିବା ଲୋକମାନଙ୍କ ଆଖି ଓ ନାକରେ ପଡୁଥିବା ଅଭିଯୋଗ ହୋଇଛି । ଏହି କାରଣରୁ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି । ଅନ୍ୟପଟେ ରାସ୍ତା କଡରେ ଥିବା ହୋଟେଲ ଓ ଖାଦ୍ୟ ପଦାର୍ଥରେ ପାଉଁଶ ପଡୁଥିବା ଦେଖିବାକୁ ମିଳୁଛି । ଏହା ଦ୍ୱାରା ଆଖି ନାକ ପୋଡିବା ସହ ଖାଦ୍ୟ ପଦାର୍ଥ ବିଷାକ୍ତ ହୋଇ ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରୁଛି । ଏହାକୁ ନେଇ ସହରର ବୁଦ୍ଧିଜୀବୀମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ କାରଖାନା କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତାକୁ ନେଇ ଚିନ୍ତାପ୍ରକଟ କରିଛନ୍ତି । ଏଭଳି ବେଆଇନ ପରିବହନ ଓ ବ୍ୟବହାର ଉପରେ ସ୍ଥାନୀୟ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଓ ପରିବହନ ବିଭାଗ ଚୁପ ରହିବା ସାଧାରଣରେ ସନ୍ଦେହ ସୃଷ୍ଟି କରୁଛି।

## ହୃଦ୍‌ଘାତରେ ଯୁବକ ମୃତ

ରାଜନଗର,(ଭାସ୍କର ରାଉତରାୟ)-ରାଜନଗର ବ୍ଲକ ବନ୍ଧପଡା ପଞ୍ଚାୟତ ଗୋବିନ୍ଦପୁର ଗାଁର ପର୍ଶୁରାମ ସେଠୀଙ୍କ ମଙ୍ଗଳବାର ହୃଦଘାତରେ ପରଲୋକ ହୋଇଯାଇଛି । ତାଙ୍କୁ ୩୨ ବର୍ଷ ହୋଇଥିଲା । ପର୍ଶୁରାମ ବାପା ମାଆଙ୍କର ଏକମାତ୍ର ପୁଅ ଥିଲେ । ମଙ୍ଗଳବାର ସକାଳେ ସେ ହୃଦଘାତର ଶିକାର ହୋଇଥିଲେ । ପର୍ଶୁରାମ ରାଜ୍ୟ ବାହାରେ ଦାଦନ ଖଟି ପରିବାର ଚଳାନ୍ତି । ଚାଷ କାମ ପାଇଁ ଗାଁକୁ ଆସିଥିଲେ । ମାତ୍ର ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଛି । ପର୍ଶୁରାମଙ୍କ ଗୋଟିଏ ୪ ବର୍ଷର ଝିଅ ଅଛନ୍ତି । ଘରେ ବିଧବା ସ୍ତ୍ରୀ, ବୃଦ୍ଧ ବାପା, ମାଆ ପୁଅକୁ ହରାଇ ଭାଙ୍ଗି ପଡିଛନ୍ତି ।

**ସଂକ୍ଷେପରେ**

## ସୂର୍ଯ୍ୟବଂଶୀ ମୟୂର ବିକାଶ ନୂତନ ଜିଲାପାଳ

କେନ୍ଦ୍ରାପଡ଼ା, ୩୦।୧ (ଜଗନ୍ନାଥ ଧଳ)



ଆ । ଇ ଏ ଏ ସ୍ ଅ ଫି ସ ର ସୂର୍ଯ୍ୟବଂଶୀ ମୟୂର ବିକାଶ କେନ୍ଦ୍ରାପଡ଼ା ଜିଲାର ୪୯ତମ ଜିଲାପାଳ ଭାବେ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି । ପୂର୍ବାହ୍ନରେ ସେ ଦାୟିତ୍ୱ ଗ୍ରହଣ ପରେ ଜିଲାବାସୀଙ୍କ ସହଯୋଗ କାମନା କରିଛନ୍ତି । ଏଥିସହିତ ଜିଲାର ବିକାଶ ପାଇଁ ବଦ୍ଧପରିକର ବୋଲି ଗଣମାଧମକୁ ସୂଚନା ଦେଇଛନ୍ତି । ଏହି ଅବସରରେ ସେ କହିଥିଲେ ଯେ, ଉପକୂଳ ଅଞ୍ଚଳର ଏହି ଜିଲା ବିକାଶ ଅପେକ୍ଷାରେ ଅଛି । ପୂର୍ବରୁ ବହୁ ଉନ୍ନୟନ କାର୍ଯ୍ୟ ଚାଲିଥିବା ବେଳେ ଏହାକୁ ତ୍ୱରାନ୍ୱିତ କରାଯିବ । ଏଥିସହ ଜିଲାବାସୀ ଓ ପ୍ରଶାସନିକ ଅଧିକାରୀଙ୍କ ସମନ୍ୱୟକୁ ରକ୍ଷା କରି ଅଧିକ ପ୍ରକଳ୍ପ କରାଯିବ ବୋଲି ସେ ମତ ରଖିଥିଲେ । ସୂଚନାଯୋଗ୍ୟ, ୨୦୧୮ ଆଇଏଏସ୍ ସୂର୍ଯ୍ୟବଂଶୀ ମୟୂର ବିକାଶ ଚାକିରି ଜୀବନର ପ୍ରଥମ ଜିଲାପାଳ ଭାବେ କେନ୍ଦ୍ରାପଡ଼ା ଜିଲାରେ ଯୋଗ ଦେଇଛନ୍ତି । ଏହାପୂର୍ବରୁ ସେ ସମ୍ବଲପୁର ଉପଜିଲାପାଳ ଓ ଭୁବନେଶ୍ୱର ମହାନିଗମ ନିଗମର ଅତିରିକ୍ତ କମିଶନର ଭାବେ କାର୍ଯ୍ୟ କରିଛନ୍ତି । ଜିଲାପାଳଙ୍କ ଦାୟିତ୍ୱ ଗ୍ରହଣ ସମୟରେ ଜିଲା ପ୍ରଶାସନିକ ଅଧିକାରୀମାନେ ଯୋଗ ଦେଇଥିଲେ ।

## ନାଗା ନାରାୟଣ ଉଚ୍ଚ ବିଦ୍ୟାଳୟରେ ଯୁବ ଓଡ଼ିଶା କାର୍ଯ୍ୟକ୍ରମ

ରାଜନଗର,୩୦।୧ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଡାଙ୍ଗମାଳ ନାଗା ନାରାୟଣ ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟରେ ନୂଆ-ଓ ଆନୁକୂଲ୍ୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି । ଅଧ୍ୟକ୍ଷ ମାନସ ରଞ୍ଜନ ମିଶ୍ରଙ୍କ ପୌରୋହିତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ,ଜିଲା ପରିଷଦ ସଭ୍ୟା ଖୁକୁମିନା କୁଅଁର,ଖମାରସାହି ସରପଞ୍ଚ ଅନୁସୂୟା ବିଶ୍ୱାଳ,ଡାଙ୍ଗମାଳ ସରପଞ୍ଚ ଦ୍ରୋପଦୀ ସେଠୀ, ସମିତି ସଭ୍ୟ ଶ୍ରୀଚରଣ ଦାସ,ପରିଚାଳନା କମିଟିର ସଭାପତି କାର୍ତ୍ତିକ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ହେବା ଦ୍ୱାରା ଛାତ୍ରଛାତ୍ରୀ ମାନଙ୍କର ସର୍ବାଙ୍ଗୀନ ଉନ୍ନତି ହୋଇପାରିବ ବୋଲି ମତ ବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଅଧାପିକା, ଅଧ୍ୟାପକ, କ୍ରୀଡ଼ା ଶିକ୍ଷକ ବିକାଶ ମାହୁଁନ୍ତ,ଦିଲୀପ ଦାସ ଓ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକମାନେ ପରିଚାଳନା କରିଥିଲେ ।

## ଫେବୃଆରୀ ୨୫ରେ ତିର୍ତ୍ତୋଲ ବ୍ଲକ୍ ଯାଦବ ମହାସଭାର ବୈଠକ

ତିର୍ତ୍ତୋଲ, ୩୦।୧ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକ ଯାଦବ ମହାସଭା ପକ୍ଷରୁ ସ୍ଥାନୀୟ ତୁଳଙ୍ଗ ପଞ୍ଚାୟତ ଓରବାସ୍ଥିତ ନୀଳମାଧବଙ୍କ ପୀଠରେ ସୋମବାର ସନ୍ଧ୍ୟାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବରିଷ୍ଠ କର୍ମକର୍ତ୍ତା ସନ୍ତୋଷ ଦାସ ଅଧ୍ୟକ୍ଷତା କରିଥିଲେ । ଏହି ବୈଠକରେ ଫେବୃଆରୀ ୨୫ରେ ତିର୍ତ୍ତୋଲ ବ୍ଲକ ଯାଦବ ମହାସଭାର ବ୍ଲକସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହେବା ଲାଗି ନିଷ୍ପତ୍ତି ନିଆଯାଇଛି । ଆଗାମୀଦିନରେ ତିର୍ତ୍ତୋଲ ବ୍ଲକର ୩୦ଟି ପଞ୍ଚାୟତରେ ଯାଦବମାନଙ୍କର ସଙ୍ଗଠନକୁ ସୁଦୃଢ଼ କରିବା ସହ ବିଭିନ୍ନ ସମସ୍ୟାର ସମାଧାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ଯାଦବମାନଙ୍କର ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ଓ ରାଜନୈତିକ ବିକାଶ ଦିଗରେ ଏହି ବୈଠକରେ ଆଲୋଚନା କରାଯାଇଥିଲା । ଏଥିରେ ଜଗତ୍‌ସିଂହପୁର ଜିଲା ଯାଦବ ମହାସଭା ପକ୍ଷରୁ ସୁକାନ୍ତ କୁମାର ଦାସ, ସୁବାସ ଚନ୍ଦ୍ର ବେହେରା, ନରେଶ ଚନ୍ଦ୍ର ଦାସ, କାର୍ତ୍ତିକ ଚନ୍ଦ୍ର ବେହେରା, ସୁବ୍ରତ ଦାସ, ସୁଦାମ ଦାସ, ଗୌରାଙ୍ଗ ଚରଣ ଦାସ, ଦିଲ୍ଲୀପ କୁମାର ଦାସ, ସୁଶାନ୍ତ କୁମାର ଦାସ, ସଞ୍ଜୟ କୁମାର ଦାସ, ବିଶ୍ୱଜିତ ଦାସ ପ୍ରମୁଖଙ୍କ ସହିତ ବିଭିନ୍ନ ପଞ୍ଚାୟତର ଯାଦବ ଯୋଗଦେଇ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବଢ଼ୁଛି ଜବରଦଖଲ

- ଜଳ ନିଷ୍କାସନରେ ଉପୁଜୁଛି ବାଧା
- ଯିବାଆସିବା ବେଳେ ହେଉଛି ଦୁର୍ଘଟଣା

ପଟ୍ଟାମୁଣ୍ଡାଇ,୩୦।୧ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ପ୍ରଶାସନିକ ଅଧିକାରୀଙ୍କ ଉଦାସୀନତା ଯୋଗୁ ଜବରଦଖଲ ସମସ୍ୟା ବଢ଼ି ବଢ଼ି ଚାଲିଥିବା ବେଳେ ସାଧାରଣ ଜନତା ହିନସ୍ତା ହେଉଛନ୍ତି । ଗ୍ରାମାଞ୍ଚଳରୁ ସହରାଞ୍ଚଳରେ ମୂଲ୍ୟବାନ ଦେବୋତ୍ତର ଜମି ସମେତ ସରକାରୀ ଗୋଚର, ଅନାବାଦୀ ଜମି ସମେତ ଜଳସେଚନ ବିଭାଗର କେନାଲ ବନ୍ଧ ଜମି ଓ ନୟନଜୋରି ଜମିକୁ ମାଡ଼ି ବସି ଘର କରିବା ସହ ବେପାର ଚଳାଇଥିବା ଯୋଗୁ ସମସ୍ୟା ସୃଷ୍ଟି ହୋଇଛି ବୋଲି ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଉଛି ।

ସାମାଜିକର୍ମୀ ସଂଗ୍ରାମ ରାଉତ କହିଛନ୍ତି, ପଟ୍ଟାମୁଣ୍ଡାଇ ସହର ଉପକଣ୍ଠ ଦକ୍ଷିଣଦିଆ, ବେଲତଳ ଓ ପୋଖରିଆପଡ଼ା ଗ୍ରାମ ସନ୍ନିକଟ ଗୋବରୀ ନଦୀପଠା ଜମି ଜବରଦଖଲ କରି କେତେଜଣ ପ୍ରଭାବଶାଳୀ ଲୋକେ ବିକ୍ରି ପଟ୍ଟା କରି ଚାଲିଛନ୍ତି । କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ବାମ ଓ ଦକ୍ଷିଣ ପାର୍ଶ୍ୱରେ ଥିବା ଜଳସେଚନ ବିଭାଗର ନୟନଜୋରି ଓ କେନାଲକୁ ପୋତି ତାହା ଉପରେ କେତେଜଣ ଲୋକ ଜବରଦଖଲ କରି ଘରବାରି କରି ଚାଲିଛନ୍ତି । ଫଳରେ ଶତାଧିକ ଏକର ଚାଷଜମିରୁ ବର୍ଷାଜଳ



ପଟ୍ଟାମୁଣ୍ଡାଇ ବାଇପାସ୍ ପାଖ ବେଲତଳ ଗଡ଼ାଣି ରାସ୍ତା ପାର୍ଶ୍ୱ ନୟନଜୋରିରେ ଜଣେ ବ୍ୟବସାୟୀ ଜବରଦଖଲ କରି ମାଟି ପକାଉଛନ୍ତି ।

ନିଷ୍କାସନ ହୋଇପାରୁନାହିଁ । ଉଦ୍‌ବୃତ୍ତ ବର୍ଷାଜଳରେ ଲୋକଙ୍କ ଚାଷଜମି ବୁଡ଼ିରହିବା ଫଳରେ ଚାଷୀ ଫସଲହାନି ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ପଟ୍ଟାମୁଣ୍ଡାଇ ବଜାର ଦେଇ ଯାଇଥିବା ଜଳସେଚନ ବିଭାଗର ୩ ଏକରରୁ ଉର୍ଦ୍ଧ୍ୱ ନୟନଜୋରି ଓ କେନାଲ ବନ୍ଧକୁ ଜବରଦଖଲ କରାଯାଇ ଦୋକାନ କରି ବ୍ୟବସାୟ କରିବା ସହ ଘର କରି ରହିବା ଯୋଗୁ ବର୍ଷା ଜଳ ନିଷ୍କାସନରେ ସମସ୍ୟା ସୃଷ୍ଟି ହୋଇଛି । ଏଥିଯୋଗୁ ପଟ୍ଟାମୁଣ୍ଡାଇ ବଜାର ସଙ୍କୀର୍ଣ୍ଣ ହେବା ସହ ବର୍ଷାଦିନେ ପାଣି ଜମି ରହି ଗମନାଗମନରେ ସମସ୍ୟା ସୃଷ୍ଟି କରୁଛି । ବୁଦ୍ଧିଜୀବୀ ପ୍ରବୀର ନାୟକ କୁହନ୍ତି, ବ୍ରିଟିଶ୍ ଅମଳରେ ଖୋଳା ଯାଇଥିବା ପଟ୍ଟାମୁଣ୍ଡାଇ କେନାଲ ଓ ଗୋବରୀ ସମ୍ପ୍ରସାରିତ କେନାଲକୁ ରାଜ୍ୟ ସରକାର ୨୦୧୬ରେ ୧୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ଉଭୟ ପାର୍ଶ୍ୱ ପୋତେଇ କରିବା ସହ କେନାଲ ଓସାରକୁ କମ୍ କରି ସହଜରେ ଚାଷ ଜମିକୁ ପାଣି ଛାଡ଼ିବାର ବ୍ୟବସ୍ଥା କରିଛନ୍ତି । ମାତ୍ର କେନାଲର ଉଭୟପାର୍ଶ୍ୱ ପୋତାଯିବା ପରେ ଯେଉଁ ପ୍ରଶସ୍ତ ଜାଗା ବାହାରିଛି, ତାହା କ୍ରମଶଃ କେତେଜଣ ବ୍ୟକ୍ତିଙ୍କ ଦ୍ୱାରା ଜବରଦଖଲ ହୋଇସାରିଲାଣି । ବିଶେଷକରି ପଟ୍ଟାମୁଣ୍ଡାଇ ଗୋବରୀ ସମ୍ପ୍ରସାରିତ କେନାଲ ଅଳଭାଠାରୁ ଗଣ୍ଡାକିଆ ମଧ୍ୟରେ ବହୁ ସ୍ଥାନରେ କେନାଲ ବନ୍ଧକୁ ଲାଗିଥିବା ଓସାରିଆ ଜାଗା ଜବରଦଖଲକାରୀଙ୍କ କବ୍‌ଜାକୁ ଚାଲିଗଲାଣି । ଏହି କେନାଲର ଖଡ଼ିଅଣ୍ଟା, କଖାରୁଣୀ, ଗୁଣପୁର ପୋଲ ନିକଟରେ କେତେଜଣ ବ୍ୟକ୍ତି କେନାଲ ଜାଗାକୁ ଜବରଦଖଲ କରି ସ୍ଥାୟୀ ଘର ନିର୍ମାଣ କରୁଛନ୍ତି । ଫଳରେ ଅପରପାର୍ଶ୍ୱରୁ ଆସୁଥିବା ଗାଡ଼ି ଦେଖା ନ ଯିବାରୁ ଦୁର୍ଘଟଣା ଘଟୁଛି । କେତେଜଣ ମୁଷ୍ଟିମେୟ ପ୍ରଭାବଶାଳୀ ବ୍ୟକ୍ତି ପ୍ରଶାସନକୁ ହାତ କରି ସରକାରୀ ଜାଗାରେ ପକ୍କାଘର କରି ଭଡ଼ା ଦେଉଥିବା ଦେଖିବାକୁ ମିଳିଛି । ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଏପରି କାର୍ଯ୍ୟକୁ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଇଛି । ପଟ୍ଟାମୁଣ୍ଡାଇ ଗୋବରୀ ପଠା ସମ୍ପ୍ରସାରିତ କେନାଲ ବନ୍ଧ ଓ ବନ୍ଧ ସଂଲଗ୍ନ ମୂଲ୍ୟବାନ୍ ଜାଗାକୁ ଜବରଦଖଲ କବଳରୁ ମୁକ୍ତ କରିବାକୁ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ପଟ୍ଟାମୁଣ୍ଡାଇ ତହସିଲଦାରଙ୍କୁ ବାରମ୍ବାର ଦାବି କରାଯାଇଛି । ଏ ସମ୍ପର୍କରେ ତହସିଲଦାର ପଞ୍ଚାନନ ନାୟକଙ୍କୁ ପଚାରିବାରେ ଏପରି ଅଭିଯୋଗ ବହୁବାର ଆସିଲାଣି । ଜବରଦଖଲ ଉଚ୍ଛେଦ କରାଯିବ ବୋଲି ସେ କହିଛନ୍ତି ।

# ଏନ୍‌ସିସି କ୍ରିକେଟ୍ ଟିମ୍, କେନ୍ଦ୍ରାପଡ଼ା ଚାମ୍ପିୟନ

**ହରିଦାସପୁର ଅସିତ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ**



ଚାମ୍ପିୟନ ଦଳକୁ ମୁଖ୍ୟ ଅତିଥି ଅମେରିଶ ପତ୍ରୀ ପୁରସ୍କୃତ କରୁଛନ୍ତି ।

ପାଟକୁରା,୩୦।୧ (ରବୀନ୍ଦ୍ର ନାଥ ବାରିକ )

ଗରଦପୁର ବ୍ଲକ ହରିଦାସପୁର ଖେଳ ପଡ଼ିଆରେ ମା' କ୍ଷେତ୍ରପାଳ କ୍ରିକେଟ୍ କ୍ଲବ ପକ୍ଷରୁ ଆୟୋଜିତ ଅସିତ ମେମୋରିଆଲ ଚାଲେଞ୍ଜ କ୍ରିକେଟ୍ କପ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଏହି ଖେଳରେ ପ୍ରଥମେ ଜଗତ୍‌ସିଂହପୁର ଏଜେପି ଏସ୍ କ୍ରିକେଟ୍ ଟିମ୍ ଟସ୍ ଜିତି ନିର୍ଦ୍ଧାରିତ ୨୦ ଓଭର ଖେଳି ସମସ୍ତ ଉଇକେଟ୍ ହରାଇ ୧୬୧ ରନ୍ କରିଥିଲା । ଜବାବରେ କେନ୍ଦ୍ରାପଡ଼ାର ଏନ୍‌ସିସି କ୍ରିକେଟ୍ ଟିମ୍ ୧୮ ଓଭରରେ ୭ ଉଇକେଟ୍ ବିନିମୟରେ ୧୬୨ ରନ୍ କରି ବିଜୟୀ ହୋଇ ଚାଲେଞ୍ଜ କପ୍ ପାଇ ଚାମ୍ପିୟନ ହୋଇଛି । ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ରାଜ୍ୟ ଓଡା ଜଳସେଚନ ନିଗମ ଅଧ୍ୟକ୍ଷ ଅମେରିଶ ପତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ୩୦ ହଜାର ଟଙ୍କା ସହ କପ୍ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ଭଗବାନ ଜେନା, ଡ. ଦେବେନ୍ଦ୍ର ବେହେରା, ସରପଞ୍ଚ ପ୍ରଭାତ ନଳିନୀ ଜେନା, ସନ୍ତୋଷ ମାହାଳି, ସମିତି ସଭ୍ୟ ରାକେଶ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରନର୍ସ ଟିମ୍‌କୁ ୨୦ହଜାର ଟଙ୍କା ସହ କପ୍, ମ୍ୟାନ୍ ଅଫ୍ ମ୍ୟାଚ, ସିରିଜ ଖେଳାଳିମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ । ଏହି ଖେଳକୁ ଅମ୍ପାୟାର ବିସ୍ମୟ ଖୁଣ୍ଟିଆ ଓ ସନ୍ତୋଷ ଦାସ ପରିଚାଳନା କରିଥିବା ବେଳେ ଆକାଶ ମହାପାତ୍ର ଓ ଅକ୍ଳାନ୍ତ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ମା' କ୍ଷେତ୍ରପାଳ କ୍ରିକେଟ୍ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

# ଶାରୀରିକ ସୁସ୍ଥତା ପାଇଁ ଖେଳକୁଦ ଜରୁରୀ

**ସର୍ବଭାରତୀୟ ବୃହତ ବନ୍ଦର ଖେଳକୁଦ ସମାରୋହ**

ପାରାଦୀପ, ୩୦।୧ (ଶରତ ରାଉତ)

ପାରାଦୀପର ନୂଆବଜାର ଗୋପବନ୍ଧୁ ଷ୍ଟାଡିୟମରେ ମଙ୍ଗଳବାର ୪୪ତମ ବୃହତ ବନ୍ଦର ଖେଳକୁଦ ସମାରୋହ ଆରମ୍ଭ ହୋଇଛି । ଏହା ଫେବୃଆରୀ ୨ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ ଦେଶର ୮ଟି ବୃହତ ବନ୍ଦରର ୨୫୦ କ୍ରୀଡାବିତ୍ ସାମିଲ ହୋଇଛନ୍ତି । ୧୨ଟି ଗ୍ରୁପରେ ୧୩୩ ପ୍ରକାର ଖେଳ ହେବ । ଏଥିରେ ଶିଶୁ ବିଭାଗ ଖେଳ ମଧ ରହିଛି । ବୃହତ ବନ୍ଦର ସ୍ପୋର୍ଟ୍ସ କଣ୍ଟ୍ରୋଲ ବୋର୍ଡ ଓ ପାରାଦୀପ ବନ୍ଦର ସ୍ପୋର୍ଟ୍ସ କାଉନସିଲ ପକ୍ଷରୁ ମିଳିତ ଭାବେ ଆୟୋଜନ କରାଯାଇଛି । ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ. ହାରାନ୍ଧ । ବୃହତ ବନ୍ଦରଗୁଡିକ ପଣ୍ୟ କାରବାର ସହ କର୍ମଚାରୀଙ୍କ କଲ୍ୟାଣ ନିମନ୍ତେ ପଦକ୍ଷେପ ନେଉଛନ୍ତି । ସେମାନଙ୍କ




ସମାରୋହରେ ମଞ୍ଚାସୀନ ଅତିଥି ।

ପରିବାର ପିଲାମାନଙ୍କୁ ଖେଳକୁଦ ଜରିଆରେ ଦକ୍ଷତା ବିକାଶ କରାଯାଉଛି । ଶାରୀରିକ ସୁସ୍ଥତା ପାଇଁ ଖେଳକୁଦ ଜରୁରୀ ବୋଲି ମୁଖ୍ୟ ଅତିଥି ହାରାନ୍ଧ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ କୋଷ୍ଟଗାର୍ଡ ଡିଆଇଜି ସଞ୍ଜୟ ନେଗୀ, ସ୍ପୋର୍ଟ୍ସ ପରିଚାଳନା କମିଟି ଅଧ୍ୟକ୍ଷ ଧର୍ମେନ୍ଦ୍ରନାଥ ସୋଲ୍ଧି, କ୍ରୀଡା ସଂସଦ ସଭାପତି ଡା. ଦୁର୍ଗା ପ୍ରସାଦ ସେଠୀ, ରବି ଦାସ, ରଞ୍ଜନ ରଶ୍ମି ବେଉରା ପ୍ରମୁଖ ଉପସ୍ଥିତ ଥିଲେ ।

## ଯାତ୍ରୀବାହୀ ରେଳ ପାଇଁ ଦାବି ଉଠାଇଲା କଂଗ୍ରେସ

କେନ୍ଦ୍ରାପଡ଼ା, ୩୦।୧ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ମଧ ଦେଇ ହରିଦାସପୁର-ପାରାଦୀପ ରେଳପଥରେ ପଣ୍ୟବାହୀ ରେଳ ୨୦୨୦ରୁ ଚାଲୁଛି । ତେବେ ଯାତ୍ରୀବାହୀ ରେଳ ଚଳାଚଳ ସ୍ୱପ୍ନ ଜିଲାବାସୀଙ୍କ ଏବେ ବି ଅଧୁରା ରହିଛି । ଏହାକୁ ନେଇ ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସ ନେତା ଗଣେଶ୍ୱର ବେହେରାଙ୍କ ନେତୃତ୍ୱରେ କେନ୍ଦ୍ରାପଡ଼ା ବ୍ଲକ ଓ ନଗର କଂଗ୍ରେସ ପକ୍ଷରୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଏକ ଦାବିପତ୍ର ମଙ୍ଗଳବାର ଦିଆଯାଇଛି । ପୂର୍ବତନ ମନ୍ତ୍ରୀ ବେହେରା କହିଛନ୍ତି, ଦେଶର ଆର୍ଥିକ ବିକାଶ କ୍ଷେତ୍ରରେ ରେଳ ଚଳାଚଳ ଜୀବନରେଖା ପାଲଟିଛି । ଏହାଦ୍ୱାରା କ୍ଷୁଦ୍ର, ମଧ୍ୟମ ବ୍ୟବସାୟରେ ଉନ୍ନତି ଆସୁଛି । ତେବେ କେନ୍ଦ୍ରାପଡ଼ା ଜିଲାବାସୀ ଯାତ୍ରୀବାହୀ ରେଳ ଚଳାଚଳ ହେଉ ନ ଥିବାରୁ ଏଥିରୁ ବଞ୍ଚିତ ହୋଇଛନ୍ତି । ୨୦୨୦ରୁ ଏହି ଜିଲା ମଧ ଦେଇ ପଣ୍ୟବାହୀ ରେଳ ଯାତାୟାତ କରୁଛି । ୨୦୨୩ ଜାନୁଆରୀ ୨ରେ ଜିଲା କଂଗ୍ରେସ ପକ୍ଷରୁ ଗଣଧାରଣା ପରେ ଯାତ୍ରୀବାହୀ ରେଳ ଚଳାଚଳ ପାଇଁ ତତ୍ପରତା ପ୍ରକାଶ ପାଇଛି । ଇତିମଧ୍ୟରେ ଏହି ରେଳପଥ ଅଧୀନରେ ଥିବା ସମସ୍ତ ଷ୍ଟେଶନ ନିର୍ମାଣ ସରିଛି । ପାସେଞ୍ଜର ଟ୍ରେନ ପରୀକ୍ଷାମୂଳକ ଭାବେ ଏହି ରେଳ ଧାରଣାରେ ଗଡିଛି । ପୂର୍ବତଟ ରେଳପଥ ପକ୍ଷରୁ ନୋ ଅବ୍‌ଜେକ୍ସନ ଦିଆଯାଇଛି । ଏସବୁ ସତ୍ତ୍ୱେ ଯାତ୍ରୀବାହୀ ରେଳ ଚଳାଚଳ ହୋଇନାହିଁ । ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ କେନ୍ଦ୍ରାପଡ଼ା ଜିଲାବାସୀ ତୁରନ୍ତ ଯାତ୍ରୀବାହୀ ରେଳ ଚଳାଚଳ ପାଇଁ ଦାବି କରିଥିବା ପୂର୍ବତନ ମନ୍ତ୍ରୀ ବେହେରା ପ୍ରକାଶ କରିଛନ୍ତି ।

# କୋଇଲିପୁର ପଞ୍ଚାୟତରେ ବିଧାୟକଙ୍କ ଶକ୍ତି ପ୍ରଦର୍ଶନ

ରାଜନଗର,୩୦।୧ (ଭାସ୍କର ରାଉତରାୟ)

ସାଧାରଣ ନିର୍ବାଚନ ଘୋଷଣାକୁ ଆଉ ଅଳ୍ପ କିଛି ଦିନ ବାକି ଅଛି । ରାଜନଗରର ବିଧାୟକ ଧ୍ରୁବ ସାହୁ ଏବେ ଦିନରାତି ଏକ କରି କର୍ମୀ ସମ୍ମିଳନୀ ସହିତ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ଓ ଶିଳାନ୍ୟାସ କରୁଛନ୍ତି । ସୋମବାର ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ ଓ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ କୋଇଲିପୁର ପଞ୍ଚାୟତରେ ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି । କୁନ୍ଦୁପୁର -ବାବର ରାସ୍ତା ଶିଳାନ୍ୟାସ, କୁନ୍ଦୁପୁର ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପ ଉଦଘାଟନ ପରେ ଜମ୍ବୁ ରାସ୍ତାର ଶିଳାନ୍ୟାସ ହୋଇଥିଲା । ଏହାପରେ ଠାକୁରପାଟଣା ଗାଁରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଆମିନେଟ ସେଣ୍ଟର ନିମନ୍ତେ ଶିଳାନ୍ୟାସ କରିଥିଲେ । ମୋଟର ସାଇକେଲ ଶୋଭାଯାତ୍ରାରେ ଯାଇ ନିଜର ଶକ୍ତି ପ୍ରଦର୍ଶନ କରିଥିଲେ । କେନ୍ଦ୍ରାପଡ଼ା ଜିଲା ପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀଙ୍କ ଘର କୋଇଲିପୁର ପଞ୍ଚାୟତରେ । ବିଧାୟକ ସାହୁଙ୍କ ଏକାନ୍ତ ଅନୁଗତ ଥିଲେ ଅଶୋକ । ହଠାତ୍ ଦଳରେ ବିଦ୍ରୋହ କରିବା ପରେ ତାଙ୍କୁ ବ୍ଲକ ସଭାପତି ପଦରୁ ବହିଷ୍କାର କରାଯାଇଥିଲା । ଏହି ଘଟଣା ପରେ ପ୍ରଥମଥର ପାଇଁ ବିଧାୟକ କୋଇଲିପୁର ପଞ୍ଚାୟତକୁ ବିଭିନ୍ନ କାର୍ଯ୍ୟକ୍ରମକୁ ଯିବା ସହିତ ଉକ୍ତ ପଞ୍ଚାୟତରେ ପଦଯାତ୍ରା କରି ଶକ୍ତି ପ୍ରଦର୍ଶନ କରିଛନ୍ତି । ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିଧାୟକଙ୍କ ସହିତ ଏହି ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ନଟବର ପ୍ରଧାନ, ସହକାରୀ ଯନ୍ତ୍ରୀ ବିଶ୍ୱରଞ୍ଜନ ସ୍ୱାଇଁ, ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ମିଡ଼ିଆ ସଂଯୋଜକ ବିଜୟ ନାୟକ, ଉପସଭାପତି ଗୋବର୍ଦ୍ଧନ ପ୍ରଧାନ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଅରୁଣ କୁମାର ସାହୁ, ସମ୍ପାଦକ ନରହରି ଜେନା, ବିଜେଡି ମହିଳା ସଭାପତି ରଶ୍ମି ରଞ୍ଜିତା ସ୍ୱାଇଁ, ଯୁବ ବିଜେଡି ସଭାପତି ଆର୍ତ୍ତବନ୍ଧୁ ମହାନ୍ତି, ସର୍ବେଶ୍ୱର ମହାନ୍ତି, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ କୁମାର ସାମନ୍ତରାୟ, ବ୍ଲକ ବିଜେଡି ସଭାପତି କିଶୋର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଛାତ୍ରୀଛାତ୍ର,ପରିଚାଳନା କମିଟି ସଦସ୍ୟଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ରାଜନଗର,୩୦।୧ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ କେରେଡ଼ାଗଡ଼ାସ୍ଥିତ ଶ୍ରୀଜଗନ୍ନାଥ ସରକାରୀ ହାଇସ୍କୁଲର ପ୍ରଧାନଶିକ୍ଷକ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଓ ଛାତ୍ରୀଛାତ୍ରଙ୍କୁ ଦୁର୍ବ୍ୟବହାର କରୁଥିବା ଓ ବିଦ୍ୟାଳୟକୁ ଆସୁଥିବା ସରକାରୀ ଅର୍ଥ ଆତ୍ମସାତ୍ କରୁଥିବା ନେଇ ଅଭିଯୋଗ ହୋଇଛି । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଓ ସଦସ୍ୟମାନେ ଜିଲା ଶିକ୍ଷା ଅଧିକାରୀଙ୍କୁ ଭେଟି ଲିଖିତ ଭାବେ ଏ ସମ୍ପର୍କରେ ଅଭିଯୋଗ କରିଛନ୍ତି ।

ଅଭିଯୋଗ ଅନୁଯାୟୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପଣ୍ଡା ବିଦ୍ୟାଳୟର ଶୈକ୍ଷିକ ବିଷୟ ପ୍ରତି ଦୃଷ୍ଟି ଦେଉନାହାନ୍ତି । ବିଦ୍ୟାଳୟର କୋମଳମତି ଛାତ୍ରୀଛାତ୍ର ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଓ ସମସ୍ତ ସଦସ୍ୟଙ୍କୁ ଦୁର୍ବ୍ୟବହାର କରୁଛନ୍ତି । ବିଦ୍ୟାଳୟକୁ ଆସିଥିବା କମ୍ପୋଜିଟ ଟଙ୍କାକୁ ମିଛ ଭାଉଚରରେ ଆତ୍ମସାତ କରିଛନ୍ତି । ଛାତ୍ରୀଛାତ୍ରମାନଙ୍କୁ ନିମ୍ନ ମାନର ଖାଦ୍ୟ ଦିଆଯାଉଥିବା ଅଭିଯୋଗ କରିଛନ୍ତି । ଏ ନେଇ ପଚାରିଲେ, ଅଭିଯୋଗ କଲେ ଧମକ ଦେଉଥିବା ନେଇ ବିଦ୍ୟାଳୟ ପରିଚଳନା କମିଟିର ସଭାପତି ମନମୋହନ ବେହେରା, ଅନୁସୂୟା ମାହୁନ୍ତ, ବଳରାମ ବିଦ୍ଧାଣୀ, ଭକ୍ତ ଚନ୍ଦ୍ର ଜେନା, ପ୍ରତିମା ସାହୁ, ନୃସିଂହ ଚନ୍ଦ୍ର ରାଉତ, ଗୀତାଞ୍ଜଳି ପାତ୍ର ପ୍ରମୁଖ ପରିଚାଳନା କମିଟିର ସଦସ୍ୟ ଓ ଗ୍ରାମବାସୀ ଜିଲା ଶିକ୍ଷାଧିକାରୀଙ୍କୁ ଭେଟି ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପଣ୍ଡାଙ୍କୁ ପଚାରିବାରୁ ସମ୍ପୂର୍ଣ୍ଣ ଅଭିଯୋଗ ଭିତ୍ତିହୀନ । ଦୁର୍ବ୍ୟବହାର ନୁହେଁ ଉଚ୍ଚ ସ୍ୱର କଥାବାର୍ତ୍ତା ହୋଇଛି ବୋଲି କହିଛନ୍ତି ।

# ୧୯୮୩ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ

ପାଟକୁରା,୩୦।୧ (ରବୀନ୍ଦ୍ର ନାଥ ବାରିକ)

ଗରଦପୁର ବ୍ଲକ କୁଦାନଗରୀ ପର୍ଯ୍ୟଟନ କ୍ଷେତ୍ରରେ କୁଦାନଗରୀ ଉଚ୍ଚ ବିଦ୍ୟାଳୟର ୧୯୮୩ ଜୁନିୟର ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି । ପଦ୍ମ ଭୂଷଣ ମହାନ୍ତି, ମୁରଲୀ ପାତ୍ର, ଅକ୍ଷୟ ବେହେରା, ଦିବାକର ଜେନା, ଅକ୍ଷୟ ସାହୁ, ନିବାଶ ମହାନ୍ତି,ପ୍ରଶନ୍ନ ଦାସ, କାର୍ତ୍ତିକ ଦାସ, ଅମୂଲ୍ୟ ପାତ୍ର, ଚିତ୍ତରଞ୍ଜନ ମିଶ୍ର, ଭାରତ ପାତ୍ର,ସରୋଜ ଖଣ୍ଡୁଆଳ, ପ୍ରଶାନ୍ତ ପଣ୍ଡା, ଦୀପ୍ତି ମହାପାତ୍ର, ମନୋରମା ନାଏକ, ସବିତା ମହାନ୍ତି,ନୟନା ନାୟକଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର ଏକଜୁଟ ହୋଇ ଦୀର୍ଘ ୪୦ ବର୍ଷର ସ୍ମୃତିକୁ ମନେ ପକାଇଥିଲେ । ଏହିପରି ପ୍ରତିବର୍ଷ ସେମାନେ ଏକାଠି ହେବାକୁ ନିଷ୍ପତ୍ତି ନେଇଥିଲେ ।

# ସ୍କାନ୍ କ୍ରିକେଟ୍ କ୍ଲବ ବିଜୟୀ

ଡେରାବିଶ,୩୦।୧ (ବେବର୍ତ୍ତା ଅଜୟ ଦାସ)

**ଜୟବଜରଙ୍ଗବାଲି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ**

ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ନୋଳସାହିଠାରେ ଜୟବଜରଙ୍ଗବାଲି କ୍ରିକେଟ୍ କ୍ଲବ ଦ୍ୱାରା ରବିବାର ଠାରୁ ଆରମ୍ଭ ହୋଇଥିବା ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ଥିଲା ତୃତୀୟ ଦିବସ । ଆଜିର ମ୍ୟାଚ୍‌ରେ ଭୁବନେଶ୍ୱର ସ୍କାନ କ୍ରିକେଟ କ୍ଲବ ଓ ଯାଜପୁର ଜିଲା ଗୋଲକୁଣ୍ଡ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଭୁବନେଶ୍ୱର ଟିମ୍ ପ୍ରଥମେ ଟସ୍ ଜିତି ବ୍ୟାଟିଂ ପାଇଁ ମଇଦାନକୁ ଓହ୍ଲାଇବା ସହ ୨୦ ଓଭରରେ ୧୧୮ ରନ୍ ସଂଗ୍ରହ କରିଥିଲେ । ଜବାବରେ ଗୋଲକୁଣ୍ଡ କ୍ରିକେଟ୍ କ୍ଲବ ୨୦ ଓଭର ଖେଳି ୭୮ ରନ୍ ସଂଗ୍ରହ କରିବାକୁ ସମର୍ଥ ହୋଇଥିଲେ । ସ୍କାନ କ୍ରିକେଟ୍ କ୍ଲବର ସୌମ୍ୟ ୩ ଓଭର ବୋଲିଂ ୨ ଉଇକେଟ ନେଇଥିଲେ । ଏଥିପାଇଁ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରାଯାଇଥିଲା । ବିଜୟୀ ଓ ରନର୍ସଅଫ୍ ଦଳଙ୍କୁ ସାମାଜିକ କର୍ମୀ ଶୁଭେନ୍ଦୁ



ଅତିଥି ମ୍ୟାନ୍ ଅଫ୍‌ଦି ଟ୍ରଫି ପ୍ରଦାନ କରୁଛନ୍ତି ।

କୁମାର ସିଂ ଅତିଥି ଭାବେ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ । ୭ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟକୁ ନିର୍ମଳ ମଲ, ନିହାର ରଞ୍ଜନ ମଲିକ, ନଳିନୀକାନ୍ତ ସ୍ୱାଇଁ, ନାରାୟଣ ନାଥଶର୍ମା, ଅସିତ ସୁନ୍ଦରାୟ ପ୍ରମୁଖ ପରିଚାଳନା କରିଥିଲେ ।

## ତ୍ରିବେଣୀ ମେଳା ପାଇଁ ପ୍ରସ୍ତୁତି

ଡେରାବିଶ,୩୦।୧ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲାର ପ୍ରସିଦ୍ଧ ଶୈବପୀଠ ଡେରାବିଶ ବ୍ଲକ ଅଧୀନ ନହଙ୍ଗ ପଞ୍ଚାୟତ ଜଗନ୍ନାଥପୁରସ୍ଥିତ ଆର୍ତ୍ତେଶ୍ୱରଙ୍କ ପୀଠରେ ଆସନ୍ତା ଫେବୃୟାରୀ ୮ରେ ପ୍ରସିଦ୍ଧ ତ୍ରିବେଣୀ ମେଳା ଓ ବିଶ୍ୱକଲ୍ୟାଣ ରୁଦ୍ରଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ । ବହୁ ପୁରାତନ ଏହି ମେଳା ଓ ଯଜ୍ଞ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି କମିଟିର ସମ୍ପାଦକ ନାରାୟଣ ଲେଙ୍କା କହିଛନ୍ତି । ୬ ଦିନ ଧରି ଅନୁଷ୍ଠିତ ହେବାକୁଥିବା ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ଜିଲା ସମେତ ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ । ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଥିବା ଲେଙ୍କା କହିଛନ୍ତି । ବ୍ଲକ ଅଞ୍ଚଳର ପଞ୍ଚାୟତବାସୀଙ୍କ ସହଯୋଗରେ ଏହି ମେଳା ଓ ଯଜ୍ଞ ଅନୁଷ୍ଠିତ ହେବ । ଫେବୃଆରୀ ୧୩ ତାରିଖ ରାତିରେ ଯଜ୍ଞର ପୂର୍ଣ୍ଣାହୁତି ହେବ ବୋଲି ସମ୍ପାଦକ ଜଣାଇଛନ୍ତି ।

# ଦୃଢ଼ ମାନସିକତା ଆତ୍ମରକ୍ଷାର ସୁରକ୍ଷା କବଚ

**ସ୍ୱାମୀ ଅରୂପାନନ୍ଦ ଜୁନିୟର କଲେଜ**

- ବାଳିକା ଆତ୍ମସୁରକ୍ଷା କୌଶଳ ତାଲିମ ଶିବିର



ଶିବିର ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ଗହଣରେ ମାନପତ୍ର ପାଇଥିବା ଛାତ୍ରୀମାନେ ।

ରଘୁନାଥପୁର, ୩୦।୧ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ କୁର୍ତ୍ତାଙ୍ଗସ୍ଥିତ ସ୍ୱାମୀ ଅରୂପାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୭୩ଜଣ ଛାତ୍ରୀଙ୍କୁ ନେଇ ସପ୍ତାହେ ବ୍ୟାପୀ ଅନୁଷ୍ଠିତ ବାଳିକା ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ପ୍ରୋଗ୍ରାମ ଅଫିସର ବାସନ୍ତୀଲତା ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ଶିବିରରେ ମାଷ୍ଟର ଟ୍ରେନର ରଶ୍ମିତା ବିଶ୍ୱାଳ ଛାତ୍ରୀମାନଙ୍କୁ ସୁରକ୍ଷା କୌଶଳ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ । ଏହି ଉପଲକ୍ଷେ ଆୟୋଜିତ ଉଦ୍‌ଯାପନୀ ସଭାରେ ବରିଷ୍ଠ ଅଧ୍ୟାପକ ରମେଶ ଚନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍ଦେଶ୍ୟ ଓ କାର୍ଯ୍ୟକାରିତା ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ । ପ୍ରତ୍ୟେକ ଛାତ୍ରୀ ଏହି କୌଶଳକୁ ଶିଖିବା ସହ ନିଜ ଭିତରେ ଥିବା ଦୃଢ଼ ମାନସିକତା ଆତ୍ମରକ୍ଷାର ସୁରକ୍ଷା କବଚ ବୋଲି ଅଧ୍ୟାପକ ସାହୁ ବକ୍ତବ୍ୟରେ ପ୍ରକାଶ କରିଥିଲେ । ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଅଭୟ କୁମାର ମହାରଣା ଆଚରଣ ଓ ଉଚ୍ଚାରଣରେ ସଂଯମତା ଆଣିବା ପାଇଁ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ସେହିପରି ଅଧ୍ୟକ୍ଷ ସୁକାନ୍ତ କୁମାର ମହାନ୍ତି ସଭାରେ ଅଧ୍ୟକ୍ଷତା କରି ଶିଖିଥିବା କୌଶଳକୁ ଠିକ୍ ମାର୍ଗରେ ବିନିଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ । ଅଧ୍ୟାପକ ରବୀନ୍ଦ୍ର ଓଝା, ତ୍ରିଲୋଚନ ମହାପାତ୍ର, ସେଖ ଅସଲମ ଅଲ୍ଲୀ, କୁମୁଦିନୀ ଦ୍ୱିବେଦୀ, ପୁଷ୍ପଲତା ଦାଶ ଓ ସ୍ନେହମୟୀ ଦାସ ଉପସ୍ଥିତ ରହି ମୂଲ୍ୟବୋଧ ଭିତ୍ତିକ ଦିଗ୍‌ଦର୍ଶନ ଦେଇଥିଲେ । ଏହି ଅବସରରେ ଛାତ୍ରୀମାନେ ଶିଖିଥିବା କଳାକୌଶଳକୁ ଅତିଥିଙ୍କ ସମ୍ମୁଖରେ ପ୍ରଦର୍ଶନ କରିଥିଲେ । ସମସ୍ତ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ ପରେ ମିଟୁ ରାଉତ ଧନ୍ୟବାଦ ଦେଇଥିଲେ ।

# ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ରାଜକନିକା,୩୦।୧ (ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ କାଟଣା କପିଳେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଯୁକ୍ତ୨ ପ୍ରଥମ ବର୍ଷର ଛାତ୍ରୀମାନଙ୍କୁ ନେଇ ଆୟୋଜିତ ଶିବିରକୁ ବିଦ୍ୟାଳୟର ଅଧ୍ୟକ୍ଷ ନଗେନ ନାରାୟଣ ସିଂହ ଉଦ୍‌ଘାଟନ କରିଥିଲେ । ମୁଖ୍ୟ ସଂଯୋଜିକା ଅଧ୍ୟାପିକା ଶୋଭାରାଣୀ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପକ ପରମେଶ୍ୱର ଜେନା ସଭା ପରିଚାଳନା କରିଥିଲେ । ଅଧ୍ୟାପକ ଡ. ନିରଞ୍ଜନ ପତି, ଅଧ୍ୟାପକ ନିରଞ୍ଜନ ଧଳ, ଅଧ୍ୟାପକ ପ୍ରଦୀପ୍ତ ସାମଲ, ଅଧ୍ୟାପକ ଶରତ ମହାପାତ୍ର ପ୍ରମୁଖ ଯୋଗଦେଇ ବାଳିକା ଆତ୍ମସୁରକ୍ଷାର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ନିଜସ୍ୱ ମତ ଦେଇଥିଲେ । ଟ୍ରେନର ଅଞ୍ଜନା ନାୟକ ଓ ସବେରା ବେଗମ ଛାତ୍ରୀମାନଙ୍କୁ ଆତ୍ମରକ୍ଷାର ନୂତନ କୌଶଳ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ ।

## ସଂକ୍ଷେପରେ

### ବିରଳ ପ୍ରଜାତିର ପେଚା ଉଦ୍ଧାର

ପୋଲସରା,୩୦ା୧ (ସୁବ୍ରତ ବେହେରା)



ଗଞ୍ଜାମ ଜିଲା ପୋଲସରା ବ୍ଲକ ଅନ୍ତର୍ଗତ ଡେଙ୍ଗାପଦର ଗ୍ରାମମ ରାମ ମନ୍ଦିରରେ ବିରଳ ପ୍ରଜାତିର ପେଚା ମଙ୍ଗଳବାର ଉଦ୍ଧାର କରାଯାଇଛି। ରାମ ମନ୍ଦିରରେ ଧଳା ପେଚାକୁ ଦେଖି ଏବେ ଗାଁରେ ଗରୁଡ଼ ଆସିଥିବା ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ଧଳା ପେଚାକୁ ନେଇ ଗାଁକୁ ଶୁଭଙ୍କର ବୋଲି ଚର୍ଚ୍ଚା ହେଉଛି।

### ପଞ୍ଚାୟତସ୍ତରୀୟ ସଚେତନତା

ଚାନ୍ଦିପୁଟ,୩୦ା୧ (କେ. ପ୍ରମୋଦ କୁମାର ଦୋରା):

ମାଣିକପୁର ପଞ୍ଚାୟତରେ ଆମ ଓଡିଶା ନବୀନ ଓଡିଶା ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ମୋହନା ବ୍ଲକ ଅଧକ୍ଷ ରଞ୍ଜୀବ ଶବର ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ରୂପେ ଚନ୍ଦ୍ରଗିରି ଜୋନ ଜିଲା ପରିଷଦ ସଭ୍ୟ ସୁନିଲ ବିଶୋଇ ଯୋଗ ଦେଇଥିଲେ। ଅତିଥି ଭାବେ ଯୁବ ବିଜେଡି ସଭାପତି ଲିଙ୍ଗରାଜ ପୂଜାରୀ, ପୂର୍ବତନ ବ୍ଲକ ଉପାଧକ୍ଷ ବିପ୍ରଚରଣ ବଳିଆରସିଂହ, ସରପଞ୍ଚ ଲକ୍ଷ୍ମଣ ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତ ପିଇଓ ରାଜଲକ୍ଷ୍ମୀ ସାହୁ ପରିଚାଳନା କରିଥିଲେ।

### ଜେଜେବାପା ଜେଜେ ମା' ସମ୍ମିଳନୀ

ମୋହନା,୩୦ା୧ (ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶିଶୁ ବାଟିକାରେ ଜେଜେ ବାପା ଜେଜେ ମା' ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଶିଶୁ ବାଟିକା ପ୍ରମୁଖ ପ୍ରତିମା ସାହୁଙ୍କ ସଂଯୋଜନାରେ ଆୟୋଜିତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ଅଧକ୍ଷ ପୂର୍ଣ୍ଣଚନ୍ଦ୍ର ମଲିକ ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟା ଆରତୀ ପାଢ଼ୀ, ଉପଦେଷ୍ଟା ବାବୁଲା ସେଠି ଯୋଗଦେଇଥିଲେ।

### ବିଜେଡିର ସାଙ୍ଗଠନିକ ବୈଠକ

ବୁଗୁଡ଼ା,୩୦ା୧ (କାଳିଚରଣ ଦାଶ)

ସ୍ଥାନୀୟ ବାସନ୍ତୀ କଲ୍ୟାଣ ମଣ୍ଡପ ପରିସରରେ ବିଜେଡିର ପୋଲସରା ନିର୍ବାଚନୀ ମଣ୍ଡଳୀ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଗୋପାଳ ଚନ୍ଦ୍ର ନାୟକ, ପ୍ରାକ୍ତନ ସରପଞ୍ଚ ଧୋବା ପ୍ରଧାନ, ପ୍ରାକ୍ତନ କାଉନସିଲର ସରୋଜ ବେହେରା, ସନ୍ତୋଷ ବିଶ୍ୱାଳ, ରବି ପାଢୀ, ବିକ୍ରମାଦିତ୍ୟ ଆରୁଖ, ସୁନିଲ୍ କୁମାର ପାଢୀ ପ୍ରମୁଖ ବିଧାୟକଙ୍କ ପକ୍ଷରୁ ସେମାନଙ୍କୁ ଅଣଦେଖା କରାଯାଉଥିବା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ।

### ଅଧାପନ୍ତରିଆ ଗାନ୍ଧୀ ସ୍ମୃତି ଭବନ

ସୋରଡା,୩୦ା୧ (ଲମ୍ବୋଦର ପାଣିଗ୍ରାହୀ)

ସୋରଡ଼ା ଗାନ୍ଧୀ ସ୍ମୃତି ସେବା ସଂଘ ତରଫରୁ ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି । ସଂଘ ତରଫରୁ ନିକଟସ୍ଥ ବ୍ଲକ ଛକରେ ଥିବା ଗାନ୍ଧୀ ସ୍ମୃତି ଭବନରେ ମାଲ୍ୟାର୍ପଣ କରାଯାଇଥିଲା। ସ୍ଥାନୀୟ ତହସିଲଦାର ସୁରେଶ ଚନ୍ଦ୍ର ପଣ୍ଡା, ପୁରୋହିତ ଲଡ୍ଡୁ କିଶୋର ଦାସ, ରାଧାକୃଷ୍ଣ ଦାଶ ଶର୍ମା ଏବଂ ନିକଟରେ ଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷକମାନଙ୍କ ସହ କେତେଜଣ ବୁଦ୍ଧିଜୀବୀ ସେଠାରେ ଉପସ୍ଥିତ ରହି ଗାନ୍ଧିଜୀଙ୍କ ସ୍ମୃତି ଚାରଣ କରିଥିଲେ। ସୋରଡ଼ା ଗାନ୍ଧୀ ସ୍ମୃତି ଭବନଟି ଅଧାପନ୍ତରିଆ ଅବସ୍ଥାରେ ଅବହେଳିତ ହୋଇପଡିଛି । ଏଥିପ୍ରତି କାହାର ବି ଦୃଷ୍ଟି ପଡୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

# ଗୁଜବକୁ ନେଇ ତାରାତାରିଣୀ ପୀଠ ଲୋକାରଣ୍ୟ

## ୨ ପୁତ୍ର ଥିବା ବ୍ୟକ୍ତିଙ୍କଠୁ ଲୁଗା ନେଇ ପୂଜା କଲେ ମଙ୍ଗଳ

ପୁରୁଷୋତ୍ତମପୁର,୩୦ା୧ (ସୀମାଞ୍ଚଳ ମିଶ୍ର)



ନୂଆ ଲୁଗାକୁ ପୂଜାର୍ଚ୍ଚନା କରୁଛନ୍ତି ମହିଳାମାନେ।

ଗଞ୍ଜାମ ଜିଲାର ଇଷ୍ଟଦେବୀ ମା ତାରାତାରିଣୀଙ୍କ ପୀଠକୁ ନେଇ ବହୁ କିମ୍ବଦନ୍ତୀ ଓ ଲୋକକଥା ପୁରାଣରେ ବର୍ଣ୍ଣିତ ରହିଛି। ତେବେ ତାରାତାରିଣୀଙ୍କ ଏଭଳି ପୂଜାର୍ଚ୍ଚନାରେ ବର୍ତ୍ତମାନ ଆଉ ଏକ ନିଆରା ନୂଆ ପରମ୍ପରା ଯୋଡ଼ି ହୋଇଯାଇଛି। ଯେଉଁ ବ୍ୟକ୍ତିଙ୍କ ଗୋଟିଏ ପୁତ୍ର ସନ୍ତାନ ଥିବ ତାଙ୍କର ମା' ଯାଇ ୨ଟି ପୁତ୍ର ସନ୍ତାନ ଥିବା ବ୍ୟକ୍ତିଙ୍କ ଘରୁ ଏକ ନୂଆ ଲୁଗା ମାଗି ଆଣିବା ସହ ସେହି ଲୁଗାକୁ ନେଇ ତାରାତାରିଣୀଙ୍କ ପୀଠକୁ ଯାଇ ମା'ଙ୍କ ଠାରେ ଲାଗିକରିବା ସହ ପୂଜାର୍ଚ୍ଚନା ପରେ ତାହାକୁ ପରିଧାନ କଲେ ନିଜ ସନ୍ତାନ ଦୀର୍ଘାୟୁ ହେବ ଓ ସେମାନଙ୍କୁ କୌଣସି ବିପଦ ପଡେନାହିଁ ବୋଲି ବିଶ୍ୱାସ ମନେ କରିଛନ୍ତି। ଏପରି ଘଟଣା କୁଆଡେ ତାରାତାରିଣୀ କାହାକୁ ସ୍ୱପ୍ନାଦେଶ କରିଥିବା ଶୁଣିବାକୁ ମିଳୁଛି। ଏଭଳି ଏକ ଗୁଜବ ପ୍ରଚାର ହେବା ପରେ ଏହି ଘଟଣା ସବୁ ଅଞ୍ଚଳକୁ ବ୍ୟାପିଯାଇଛି। ଏହାକୁ ନେଇ ତାରାତାରିଣୀଙ୍କ ପୀଠକୁ ଜିଲାର ବିଭିନ୍ନ ସ୍ଥାନ ସହିତ ରାଜ୍ୟ ତଥା ରାଜ୍ୟ ବାହାରୁ ମହିଳା ଭକ୍ତଙ୍କ ସୁଅଛୁଟିବାରେ ଲାଗିଛି। ଆଉ ଏହି ମହିଳାମାନେ ମାଗି ଆଣିଥିବା ଖଣ୍ଡିଏ ଖଣ୍ଡିଏ ନୂଆ ଲୁଗାକୁ ଆଣି ମା'ଙ୍କ ଠାରେ ପୂଜାର୍ଚ୍ଚନା କରିବାରେ ଲାଗିପଡିଛନ୍ତି। ଏଭଳି କରିବା ଦ୍ୱାରା ମା'ଙ୍କ କୃପା ନିଶ୍ଚିତ ମିଳିବ ବୋଲି ଏହି ଭକ୍ତମାନଙ୍କ ଅତୁଟ ବିଶ୍ୱାସ ରହିଛି।

## ଛତ୍ରପୁରରେ କ୍ଲକ୍ ଟାୱାର ଉଦ୍‌ଘାଟିତ

ଛତ୍ରପୁର,୩୦ା୧
(ସନ୍ତୋଷ ପାଢ଼ୀ/ ଦିଲୀପ ସାମଲ)



ଗଞ୍ଜାମ ଜିଲା ସଦର ମହାକୁମା ଛତ୍ରପୁର ସହର ନେତାଜୀ ଛକରେ ମଙ୍ଗଳବାର ନବନିର୍ମିତ କ୍ଲକ୍ ଟାୱାର ଉଦ୍‌ଘାଟିତ ହୋଇଯାଇଛି। ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ଛତ୍ରପୁର ଏନ୍ଏସି ଅଧକ୍ଷା ଶର୍ମିଷ୍ଠା ପ୍ରଧାନ, ଉପାଧକ୍ଷ ଜି. ପାପାରାଓ, ଗଞ୍ଜାମ ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ନୀଳମାଧବ ଭୋଇ, ଛତ୍ରପୁର ଏନ୍ଏସି ନିର୍ବାହୀ ଅଧିକାରୀଙ୍କ ସମେତ କାଉନସିଲରମାନେ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ବିଶ୍ୱ କୁଷ୍ଠ ନିରାକରଣ ଦିବସ ପାଳିତ

ପାରଳାଖେମୁଣ୍ଡି, ୩୦ା୧ (ଗିରିଧାରୀ ପରିଛା)



ଜଣେ ମହିଳାଙ୍କୁ ଅତିଥିମାନେ ଏମ୍‌ସିଆର ଚପଲ ବଣ୍ଟନ କରୁଛନ୍ତି।

ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଦ୍ୱାରା ମଙ୍ଗଳବାର ସ୍ଥାନୀୟ ମହାରାଜା ଡାଇମଣ୍ଡ ଜୁବିଲି କୁଷ୍ଠାଶ୍ରମଠାରେ ବିଶ୍ୱ କୁଷ୍ଠରୋଗ ନିରାକରଣ ଦିବସ ଆୟୋଜିତ ହୋଇଯାଇଛି। କୁଷ୍ଠାଶ୍ରମଠାରେ ସକାଳେ ଏକ ସଫେଇ ଅଭିଯାନ ପୌର ପରିଷଦ ଦ୍ୱାରା କରାଯାଇଥିଲା। ପରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପୌର ପରିଷଦ ଅଧକ୍ଷା ନିର୍ମଳା ସେଠୀ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ପ୍ରଦୀପ କୁମାର ପାତ୍ର, ଡ. ଜିଲା ଚିକିତ୍ସା ଅଧିକାରୀ ପ୍ରମୋଦ କୁମାର ପଣ୍ଡା, ଡ. ଇନ୍ଦିରା କୁମାରୀ ମହାପାତ୍ର, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(କୁଷ୍ଠରୋଗ) ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସନ୍ତୋଷ କୁମାର ନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମଞ୍ଚ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କୁଷ୍ଠ ରୋଗୀମାନଙ୍କ ନିମନ୍ତେ ଏକ ଦେୟମୁକ୍ତ ଚିକିତ୍ସା ଶିବିର ଆୟୋଜନ କରାଯାଇ ସ୍ୱାସ୍ଥ୍ୟଗତ ସମସ୍ୟାର ପରୀକ୍ଷା କରିବା ସଙ୍ଗେ ସଙ୍ଗେ ମାଗଣା ଔଷଧ ବିତରଣର ବ୍ୟବସ୍ଥା ମଧ୍ୟ କରାଯାଇଥିଲା। କୁଷ୍ଠାଶ୍ରମର ୮ ଅନ୍ତେବାସୀଙ୍କୁ ଏମ୍‌ସିଆର ଚପଲ ବଣ୍ଟନ କରାଯାଇଥିଲା। ଶେଷରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ରାଇକିଆ,୩୦ା୧ (ପ୍ରଦୀପ ବେହେରା)

ରାଇକିଆ ଜୀବନ ଜ୍ୟୋତି ମହାବିଦ୍ୟାଳୟଠାରେ ମଙ୍ଗଳବାର ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଜାନୁଆରୀ ୧୬ ତାରିଖରୁ ଆରମ୍ଭ ହୋଇଥିବା ଏହି ଶିବିରରେ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ସମ୍ପର୍କିତ ତାଲିମ ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ଅତିଥି ଭାବେ କଲେଜ ଅଧକ୍ଷ ଶଙ୍କର୍ଷଣ ସାହୁ ଯୋଗ ଦେଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଫେସର ପ୍ରଭାକର ରାଜୁ, ଉମାକାନ୍ତ ରଥ, ସନ୍ତୋଷ ନାୟକ, ବିଶ୍ୱ ବିହାରୀ ଦଳେଇ, କଲେଜ ଅଧାପକ, ଅଧାପିକା, କର୍ମଚାରୀ ଉପସ୍ଥିତ ଥିଲେ। ଶ୍ରଦ୍ଧାଞ୍ଜଳି ପ୍ରଧାନ, ବିନୀତ ପ୍ରଧାନ, ସୋନାଲି ପଲେଇ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ ।

## ସତ୍ୟସାଇ ନୂତନ ମନ୍ଦିର ପ୍ରତିଷ୍ଠା ପାଇଁ କଳସଯାତ୍ରା



ନୂତନ ମନ୍ଦିର ସ୍ଥାନରେ ପୂଜାର୍ଚ୍ଚନା।

ଚିକିଟି,୩୦ା୧ (ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବ୍ଲକ ଅନ୍ତର୍ଗତ ନୂଆପଡ଼ା ଗ୍ରାମର ସାନଡେରାସାହିରେ ଅବସ୍ଥିତ ସତ୍ୟସାଇବାବାଙ୍କ ନୂତନ ମନ୍ଦିର ଏବଂ ବିନାୟକ ବିଗ୍ରହ ପ୍ରତିଷ୍ଠା ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଉତ୍ସବ ଦୁଇଦିନ ଧରି ଚାଲିବ ବୋଲି ସତ୍ୟସାଇ ଭଜନ ମଣ୍ଡଳୀ ପକ୍ଷରୁ କୁହାଯାଇଛି। ଏହି ଅବସରରେ ଉକ୍ତ ଗ୍ରାମର ସହସ୍ରାଧିକ ମହିଳା ନୂଆପଡ଼ା ଗ୍ରାମର ଶେଷମୁଣ୍ଡରେ ରହିଥିବା ବାହୁଦାନଦୀ ତଟରୁ କଳସିରେ ଜଳ ଭର୍ତ୍ତି କରି ମୁଣ୍ଡରେ ଧରି ଗ୍ରାମର ପ୍ରତ୍ୟେକ ସାହି ପରିକ୍ରମା ପରେ ସାଇବାବାଙ୍କ ନୂତନ ମନ୍ଦିର ସ୍ଥାନରେ ସ୍ଥାପନ କରାଯାଇଥିଲା। ଅଞ୍ଚଳର ବିଶିଷ୍ଟ ପଣ୍ଡିତ ଯଜ୍ଞନାରାୟଣ ପାତ୍ରଙ୍କ ପୌରୋହିତ୍ୟରେ ପ୍ରତ୍ୟେକ ଦିନ ଘୃତଯଜ୍ଞ, ଦୀକ୍ଷାଗ୍ରହଣ, ବ୍ରାହ୍ମଣବରଣ, ଅଗ୍ନିସ୍ଥାପନ, ସୂର୍ଯ୍ୟପୂଜା, ସତ୍ୟସାଇବାବାଙ୍କ ପାଦୁକାରଥ ପରିକ୍ରମା ସମେତ ସନ୍ଧ୍ୟାକାଳୀନ ସମୟରେ ଭଜନ, ସତ୍‌ସଙ୍ଗ ଏବଂ ପ୍ରସାଦସେବନ ବ୍ୟବସ୍ଥା କରାଯାଇଛି।

# ନୂଆ-ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

ଜି.ଉଦୟଗିରି,୩୦ା୧ (ଶିଶିର ପଟ୍ଟନାୟକ)



କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

ଜି.ଉଦୟଗିରି ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ମଙ୍ଗଳବାର ନୂଆଁ-ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷ ଶିବରାମ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଜି.ଉଦୟଗିରି ବ୍ଲକ ଅଧକ୍ଷା ସୁଷମା ପ୍ରଧାନ, ମୁଖ୍ୟବକ୍ତା ଭାବେ ପ୍ରଫେସର ଲଡ୍ଡୁ କିଶୋର ରଥ ଓ ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ପ୍ରତିଷ୍ଠାତା ଶିଶିର ପଟ୍ଟନାୟକ, ପୋଲିସ ଆଇଆଇସି ତଥା ବିଶିଷ୍ଟ ସାହିତ୍ୟିକ ଅଜୟ କୁମାର ସ୍ୱାଇଁ ଯୋଗଦେଇ ଓଡ଼ିଆ ଭାଷା ଓ ଜଗନ୍ନାଥ ସଂସ୍କୃତି ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମକୁ ନୋଡାଲ ଅଫିସର ଓଡ଼ିଆ ବିଭାଗ ଅଧାପିକା ଡ. ବବିତା ରାଣୀ ପଟ୍ଟନାୟକ ପରିଚାଳନା କରିଥିଲେ। ଅଧାପିକା ମିନତି କୁମାରୀ ଦାଶ, ସୁଧାରାଣୀ ପାତ୍ର, ସସ୍ମିତା ଦାଶ ଛାତ୍ରୀମାନଙ୍କୁ 'ସାହିତ୍ୟରେ ଜଗନ୍ନାଥ' ସମ୍ପର୍କରେ କହିଥିଲେ। ଅଧାପିକା ମିନତି ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। କୃତୀ ଛାତ୍ରୀମାନଙ୍କୁ ଆର୍ଥିକ ପୁରସ୍କାର ସହ ଟ୍ରଫି ଦିଆଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଆଦିବାସୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ +୨ ମୂଲ୍ୟାୟନ କେନ୍ଦ୍ର ଖୋଲିଲା

ବାଲିଗୁଡା,୩୦ା୧ (ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ା ସ୍ଥିତ ଆଦିବାସୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚଳିତ ବର୍ଷଠାରୁ ନୂତନ ଭାବେ +୨ ମୂଲ୍ୟାୟନ କେନ୍ଦ୍ର ରାଜ୍ୟ ସରକାର ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଖୋଲାଯାଇଛି। କନ୍ଧମାଳ ଜିଲାରେ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଫୁଲବାଣୀରେ ଏକମାତ୍ର ମଲ୍ୟାୟନ କେନ୍ଦ୍ର ରହିଥିଲା, ଯାହାକି ବାଲିଗୁଡ଼ାରୁ ଫୁଲବାଣୀର ଦୂରତା ୮୨ କିମି ପୁଣି ଘାଟୀ ରାସ୍ତା। ଏ ସବୁକୁ ଦୃଷ୍ଟିରେ ରଖି ପରିଷଦ ପକ୍ଷରୁ ନିଷ୍ପତ୍ତି ନିଆଯାଇ ଖୋଲାଯାଇଛି। ଯେ, ୧୯୭୯ ମସିହାରେ ପ୍ରତିଷ୍ଠିତ ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୯୮୩ରୁ +୨ କଳା, ବାଣିଜ୍ୟ ଶ୍ରେଣୀ ଖୋଲିଥିବା ବେଳେ ୧୯୮୮ ମସିହାରୁ ବିଜ୍ଞାନ ଶ୍ରେଣୀ ଖୋଲିଛି।

## 'ଏତେ ଦୁଃଖ ଦେଲୁ କାହିଁ ଦଇବ' ନାଟକ ମଞ୍ଚସ୍ଥ



କଳାକାରଙ୍କୁ ସମ୍ମାନିତ କରୁଛନ୍ତି ଅତିଥି।

ଗଞ୍ଜାମ,୩୦ା୧ (ବିଦ୍ୟାଧର ସାହୁ)

ଗଞ୍ଜାମର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଗଞ୍ଜାମ କଳା ସାଂସ୍କୃତିକ ମଞ୍ଚ ପକ୍ଷରୁ ଯୁବ ଆଇନଜୀବୀ ପଙ୍କଜ କୁମାର ବାରିକଙ୍କ ନାଟ୍ୟ ନିର୍ଦ୍ଦେଶନାରେ ଅନୁଷ୍ଠାନର ଚତୁର୍ଥ ଅବଦାନ 'ଏତେ ଦୁଃଖ କାହିଁ ଦେଲୁ ଦଇବ' ଗଞ୍ଜାମ ସହର ସ୍ଥିତ ମିନି ଷ୍ଟାଡିୟମ ପରିସରରେ ମଞ୍ଚସ୍ଥ ହୋଇଯାଇଛି। ଗଞ୍ଜାମ ବିଜେଡି ଯୁବ ନଗର ସଭାପତି ସୁଧିର କୁମାର ପାଢ଼ୀ ଓ ଛାତ୍ର ସଭାପତି ରାକେଶ ରଞ୍ଜନ ଦାସଙ୍କ ତତ୍ତ୍ୱାବଧାନରେ ପରିବେଷଣ ନାଟକର ଉଦଘାଟନୀ ସମାବେଶରେ ମୁଖ୍ୟ ଅତିଥି ଭାବେ ଜାତୀୟ କଂଗ୍ରେସ ରାଜ୍ୟ ଏସି ସେଲ କୋଡିନେଟର ଭାଗିରଥି ବେହେରା ଯୋଗଦେଇ ଉଦଘାଟନ କରିଥିଲେ। ଅନୁଷ୍ଠାନର ସଭାପତି ଶବର କୁମାର ତରାଇଙ୍କ ସଭାପତିତ୍ୱ ଓ ଉପଦେଷ୍ଟା ଉମାକାନ୍ତ ବେହେରାଙ୍କ ସଂଯୋଜନାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ଜାତୀୟ କଂଗ୍ରେସ ନେତୃ ମଣ୍ଡଳୀ ଗଞ୍ଜାମ ବ୍ଲକ ସଭାପତି ଏନ. ଗଣେଶ ରେଡି, ବରିଷ୍ଠ ନେତା ନବକୃଷ୍ଣ ପଣ୍ଡା, ମହେଶ ଗୌଡ଼, ଟି. କ୍ରିଷ୍ଣା ରାଓ, ଏସ. ଭୀମା ରେଡି, ଜି. ଶ୍ରୀନିବାସ ରାଓ, ରାଜେଶ କୁମାର ଦାଶ, ଟୁନା ଶତପଥୀ, ସୁଧାକର ସାହୁ ପ୍ରମୁଖ ମଞ୍ଚାସିନ ଥିଲେ। ଜାତୀୟ ସ୍ତରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ସୁବ୍ରତ କୁମାର ପାଢ଼ୀଙ୍କୁ ସମ୍ମାନିତ କରାଯାଇଥିଲା। ଉପସଭାପତି ବିଦ୍ୟାଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# କିନ୍ନରଙ୍କ ଅଧିକାର, ସମ୍ମାନ ଉପରେ କର୍ମଶାଳା

ଫୁଲବାଣୀ, ୩୦ା୧ (ରାକେଶ କୁମାର ରାଉତ)

ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ସଭାଗୃହରେ ମଙ୍ଗଳବାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ପକ୍ଷରୁ କିନ୍ନର ମାନଙ୍କ ଅଧିକାର ଓ ସମ୍ମାନ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉପ ଜିଲାପାଳ ଜ୍ୟୋତି ଶଙ୍କର ରାଏ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଓଡିଶା ସରକାରଙ୍କ ଟ୍ରାନସ୍‌ଜେଣ୍ଡର ସଶକ୍ତି କରଣ କାର୍ଯ୍ୟକ୍ରମ 'ସ୍ୱୀକୃତୀ' ମାଧମରେ କିପରି କିନ୍ନରମାନେ ମୁଖ୍ୟସ୍ରୋତରେ ସାମିଲ ହେବେ ତାହା ଉପରେ ଆଲୋଚନା ହୋଇଥିଲା। ଏଥିରେ ଜିଲାର ବିଭିନ୍ନ ସାମାଜିକ କର୍ମୀ, ପତ୍ରକାର, ପଞ୍ଚାୟତ ପ୍ରତିନିଧୀମାନେ ଯୋଗଦେଇ ସାଧାରଣରେ କିନ୍ନରମାନଙ୍କୁ ନେଇ ଉପୁଜିଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ବିଭିନ୍ନ ବ୍ଲକରୁ ୪୦ ରୁ ଅଧିକ କିନ୍ନର ସାମିଲ ହୋଇ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ଦାବି ରଖିଥିଲେ। କିନ୍ନର ବିଷ୍ଣୁପ୍ରିୟା ଓ ପାୟଲଙ୍କ ଯୋଗଦେଇ ଜିଲାରେ ୯୮ ଜଣ କିନ୍ନର ଚିହ୍ନଟ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୭୦ ଜଣ ପରିଚୟ ପତ୍ର ପାଇସାରିଛନ୍ତି। ଆହୁରି ଅନେକ କିନ୍ନର ଚିହ୍ନଟ ହୋଇ ନାହାନ୍ତି ବୋଲି କହିଥିଲେ। ସେମାନଙ୍କୁ କିପରି ଆଗକୁ ଅଣାଯାଇ ପାରିବ ସେଥିପାଇଁ ସମସ୍ତଙ୍କ ସହଯୋଗ ଲୋଡିଥିଲେ। ସ୍ୱାତୀ ସଂପାଦକ ଇଂ ହରି ଶଙ୍କର ରାଉତ କିନ୍ନରମାନେ ଆତ୍ମନିର୍ଭରଶିଳ ହେବା ପାଇଁ ହେଲେ ନିଜର ମନୋବଳକୁ ସୁଦୃଢ଼ କରିବାକୁ ହେବ। ପ୍ରଶାସନ ସହିତ ଯୋଡି ହୋଇ ଦୃଢତାର ସହ ଦାବି ଉପସ୍ଥାପନା କରିବାକୁ କହିଥିଲେ। ଜିଲା ଏ.ଡ୍.ସ୍. ସେଲର ଦେବାଶିଶ ମିଶ୍ର କିନ୍ନରମାନଙ୍କ ନିୟମିତ ସ୍ୱାସ୍ଥ୍ୟ ପରିକ୍ଷା ଦିଗରେ ସଚେତନତା କରିବା ସହ ୬ ମାସରେ ଥରେ ରକ୍ତ ପରୀକ୍ଷା କରେଇବାକୁ ଅନୁରୋଧ ରଖିଥିଲେ। ପ୍ରଦୀପ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା ଓ ବିଶ୍ୱରଞ୍ଜନ କର ଧନ୍ୟବାଦ ଦେଇଥିଲେ। ଶିବସୁନ୍ଦର ସାହୁ, ସୁନିତା କିନ୍ନର, ପ୍ରଭାତ ଦାସ ପ୍ରମୁଖ ସହଯୋଗ କରିଥିଲେ।

## ପଞ୍ଚାୟତସ୍ତରୀୟ ସଚେତନତା

ଜଗନ୍ନାଥପ୍ରସାଦ,୩୦ା୧
(ବିଭୁ ପ୍ରସାଦ ପଟ୍ଟନାୟକ)

ସ୍ଥାନୀୟ ଗଣ୍ଡାଧର ଗ୍ରାମପଞ୍ଚାୟତଠାରେ ମଙ୍ଗଳବାର ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର ଆୟୋଜନ ହୋଇଥିଲା। କାର୍ଯ୍ୟକ୍ରମରେ ଗଣ୍ଡାଧର ସରପଞ୍ଚ ବିଜୟ କୁମାର ନାୟକ ସଭାପତିତ୍ୱ କରିଥିବା ବେଳେ ଏମ୍‌ପି ପ୍ରତିନିଧି ବିପ୍ର ଚରଣ ବାରିକ, ବ୍ଲକ ଉପାଧାକ୍ଷା ରଞ୍ଜିତ ପାତ୍ର, ଜିଲା ପରିଷଦ ସଭ୍ଯା ମାନସୀ ସେଠି, ଛାମୁଣ୍ଡା ପୂର୍ବତନ ସରପଞ୍ଚ ବସନ୍ତ କୁମାର ପ୍ରଧାନ, ଜିପିଓ ବ୍ଲକ ମହିଳା ଶିଶୁ ବିଭାଗ ପ୍ରକଳ୍ପ ଅଧିକାରିଣୀ ଦର୍ଶନୀ ନାୟକ, ଗାୟତ୍ରୀ ନାୟକ, ପିଣ୍ଟୁ ପ୍ରଧାନ ମଞ୍ଚାସୀନ ଥିଲେ।

# ଅବ୍ୟବସ୍ଥା ଘେରରେ ରାଇଖୋଲ ୟୁପି ସ୍କୁଲ

ଖଜୁରିପଡ଼ା,୩୦ା୧ (ବିଦୁର ବେହେରା)



ରାଇ ଖୋଲ ସ୍କୁଲ।

ରାଜ୍ୟ ସରକାର ଛାତ୍ରୀଛାତ୍ରଙ୍କୁ ଉନ୍ନତମାନର ଶିକ୍ଷା ଯୋଗାଇବା ପାଇଁ ଅନେକ ସ୍କୁଲକୁ ୫-ଟିରେ ସାମିଲ କରୁଛନ୍ତି। ହେଲେ କନ୍ଧମାଳ ଜିଲା ଖଜୁରିପଡ଼ା ବ୍ଲକର ରାଇଖୋଲ ଗ୍ରାମରେ ୧୯୫୫ ମସିହାରେ ସ୍ଥାପିତ ହୋଇଥିବା ସ୍କୁଲକୁ ଅଣଦେଖା କରାଯାଉଥିବା ସ୍କୁଲ ସଭାପତି ସନତ ଜାନି ସମେତ ସ୍କୁଲ କମିଟି ଅଭିଯୋଗ କରୁଛନ୍ତି । ଅଭିଯୋଗ ଅନୁଯାୟୀ, ଉକ୍ତ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୭୪। ହେଲେ ସ୍କୁଲରେ ରହିଥିବା ୪ ଶ୍ରେଣୀଗୃହରେ ୭୪ ଜଣ ଛାତ୍ରୀଛାତ୍ର ପାଠ ପଢ଼ିବା କଷ୍ଟ ସାଧ। ଗୋଟିଏ କୋଠରୀରେ ଦୁଇ ଶ୍ରେଣୀର ପିଲାମାନେ ମିଶି ପାଠ ପଢୁଥିବାରୁ ପଢ଼ାରେ ବୁଝିବାକୁ ସମସ୍ୟା ହେଉଛି। ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ମିଶେଇ ମୋଟ ୫ଜଣ ଶିକ୍ଷୟିତ୍ରୀ ଅଛନ୍ତି ସେଥିରୁ ବିଜ୍ଞାନ ଓ ଗଣିତ ପାଠ ପଢ଼ାଉଥିବା ଶିକ୍ଷକ କିମ୍ବା ଶିକ୍ଷୟିତ୍ରୀ ନାହିଁ। ସ୍କୁଲରେ ପିଇବା ପାଣି ସମସ୍ୟା ଲାଗି ରହିଛି,ସ୍କୁଲ କୋଠରୀ ଗୃହ ଅଭାବ ସାଙ୍ଗକୁ ସ୍କୁଲ ଛାତରୁ ପାଣି ଗଳୁଥିବା ଶିକ୍ଷୟିତ୍ରୀ କୁହନ୍ତି। ଏ ସମସ୍ୟା ସମ୍ବନ୍ଧରେ ଉପରିସ୍ଥ ସରକାରୀ ଅଧିକାରୀମାନଙ୍କୁ ଲିଖିତ ଓ ମୌଖିକ ଅଭିଯୋଗ କରିଥିଲେ ସୁଦ୍ଧା ଫଳ ଶୂନ ବୋଲି ସଭାପତି କୁହନ୍ତି। ତେଣୁ ସରକାରୀ ସ୍କୁଲରେ ଅନେକ ସମସ୍ୟା ଲାଗି ରହିଥିବାରୁ ଅଭିଭାବକମାନେ ବେସରକାରୀ ସ୍କୁଲ ମୁହାଁ ହେଉଛନ୍ତି । ଫଳରେ ସ୍କୁଲର ଛାତ୍ରଛାତ୍ରୀଙ୍କ ସଂଖ୍ୟା ମଧ୍ୟ କମିବାରେ ଲାଗୁଛି ଉକ୍ତ ସ୍କୁଲରେ ପର୍ଯ୍ୟାପ୍ତ ଶ୍ରେଣୀ ଗୃହ ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ଉତ୍ତମ ପରିବେଶ ମଧ୍ୟ ନାହିଁ ଏମିତି କି ବର୍ଷା ହେଲେ ଛାତରୁ ପାଣି ଗଳଥିବା ବେଳେ ପାନୀୟ ଜଳର ସମସ୍ୟା ଲାଗି ରହିଛି, ଛାତ୍ର ମାନଙ୍କ ପାଇଁ ଶୌଚାଳୟ ନାହିଁ ତେଣୁ ସରକାର ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ରହିଛି।

## ଓଡ୍ର ଖଣ୍ଡାୟତ କାଳଞ୍ଜି ସମାଜର ବାର୍ଷିକ ସମ୍ମିଳନୀ

ବୁଗୁଡ଼ା,୩୦ା୧ (କାଳିଚରଣ ଦାଶ)-ଓଡ୍ର ଖଣ୍ଡାୟତ କାଳଞ୍ଜି ସମାଜ ବେତାରସିଂ ଅଞ୍ଚଳ ପରିଷଦର ତୃତୀୟ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବେତାରସିଂ କାର୍ଯ୍ୟାଳୟ ପରିସରରେ ସଭାପତି ଗୌର ଚରଣ ପ୍ରଧାନଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଏବଂ ସମ୍ମାନିତ ଅତିଥି ଭାବେ ଆସିକା ଏମ୍‌ପି ପ୍ରମିଳା ବିଷୋୟୀ ଯୋଗ ଦେଇଥିଲେ। ଏଥିରେ ଅଞ୍ଚଳ ଅନ୍ତର୍ଗତ ସମସ୍ତ ଗ୍ରାମ୍ୟ କମିଟି, ମଣ୍ଡଳ କମିଟି ଓ ଅଞ୍ଚଳ କମିଟିର କର୍ମକର୍ତ୍ତା, ଆସ୍କା ଅଞ୍ଚଳ କମିଟି ସମ୍ପାଦକ ଯୋଗେନ୍ଦ୍ର ନାଥ ପ୍ରଧାନ, ସଂଗଠନ ସମ୍ପାଦକ ପ୍ରମୋଦ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଲୋଚନାରେ ନାରୀ ସୁରକ୍ଷା, ବୃଦ୍ଧ-ବୃଦ୍ଧାଙ୍କ ସୁରକ୍ଷା ବିଷୟରେ ଗୁରୁତ୍ୱାରୋପ କରାଯାଇଥିଲା।

# ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା

ପାଟପୁର,୩୦ା୧ (ସିମାଞ୍ଚଳ ସାହୁ)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ ଏରେଣ୍ଡ୍ରା ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଆମ ଓଡିଶା ନବୀନ ଓଡିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଧୋବା ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ସୁଲତା ରାଣୀ ସ୍ୱାଇଁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସାନଖେମୁଣ୍ଡି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜିତେନ୍ଦ୍ର କୁମାର ମିଶ୍ର ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶିବିରରେ ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ, ଧାର୍ମିକ ସ୍ଥଳର ରୂପାନ୍ତରୀକରଣ, ମହିଳା ସଶକ୍ତିକରଣ ଓ ବ୍ୟାଙ୍କିଙ୍ଗ ଭିତ୍ତିଭୂମିର ବିକାଶ ଆଦି ଯୋଜନା ସହ ବିଭିନ୍ନ କଲ୍ୟାଣକାରୀ ଯୋଜନା ବିଷୟରେ ସଚେତନତା କରାଯାଇଥିଲା। ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ମଞ୍ଚ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ଭିତ୍ତିଭୂମି ବିକାଶ ନେଇ କରାଯାଇଥିବା ସମାଜ ମଙ୍ଗଳ କାର୍ଯ୍ୟଗୁଡ଼ିକୁ ଏଲସିଡି ପରଦା ସହ ପଞ୍ଚାୟତର ବିକାଶ ପୁସ୍ତିକା ମାଧ୍ୟମରେ ସାଧାରଣରେ ପ୍ରଦର୍ଶନ ସହ ପ୍ରମୁଖ ବ୍ୟକ୍ତିତ୍ୱଙ୍କୁ ଉପଢ଼ୌକନ ସହ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ କନିଷ୍ଠ ଯନ୍ତ୍ରୀ ବିଦ୍ୟୁତ୍ ପ୍ରଭା ରଥ, ସ୍ୱାସ୍ଥ୍ୟ ବିଭାଗରୁ ମଞ୍ଜୁରାଣୀ ପଟ୍ଟନାୟକ, ସ୍ୱପ୍ନାରାନୀ ସାହୁ, କୃଷି ବିଭାଗରୁ ସନ୍ତୋଷ କୁମାର ବେହେରା, ରୋଜଗାର ସେବକ ରବୀନ୍ଦ୍ର ପ୍ରଧାନ, ଯୋଗାଣ ସହାୟକ ଚିନ୍ମୟ ବରାଡଙ୍କ ସହ ପଞ୍ଚାୟତରେ ସମସ୍ତ ଅଙ୍ଗନୱାଡ଼ି କର୍ମୀ ସମୂହ ଉପସ୍ଥିତ ରହି ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅସହ୍ୟ ହେଉଛି କଙ୍ଗାରୁ କୋର୍ଟର ନିର୍ଯାତନା

ନୟାଗଡ଼,୩୦।୧(ଲୋକନାଥ ମିଶ୍ର)

■ଚିଠି ଲେଖି ଆତ୍ମହତ୍ୟା ଉଦ୍ୟମ କଲେ ସୁବାସ
■ଚିଠିରେ ରହିଛି ଦଣ୍ଡିତ କରିଥିବା ବ୍ୟକ୍ତିଙ୍କ ନାମ
■ଚିଠିକୁ ଜବତ କରି ତଦନ୍ତ କରୁଛି ପୋଲିସ

ନୟାଗଡ଼ ସଦର ଥାନା ନୂଆଗାଁ ବ୍ଲକ ଚାହାଳି ଗାଁରେ କଙ୍ଗାରୁକୋର୍ଟର ନିର୍ଯାତନା ଅସହ୍ୟ ହୋଇଛି।ଦୋଷ ନ ଥାଇ ଜରିମାନା, ମାରପିଟ୍ ଓ ବାସନ୍ଦ ପରି ଦଣ୍ଡକୁ ସହ୍ୟ କରି ନ ପାରି ଚାହାଳି ଗାଁର ସୁବାସ ଚନ୍ଦ୍ର ବେହେରା ଆତ୍ମହତ୍ୟା ଉଦ୍ୟମ କରିଛନ୍ତି।ତାଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେ ଏବେ ମୃତ୍ୟୁ ସହ ଲଢୁଛନ୍ତି। ସୁବାସ ଆତ୍ମହତ୍ୟା ପୂର୍ବରୁ ଏକ ଚିଠି ଲେଖି ତାଙ୍କ ମୃତ୍ୟୁ ପାଇଁ କେଉଁମାନେ ଦାୟୀ ଗାଁର କେତେଜଣ ଲୋକଙ୍କ ନାମ ଉଲ୍ଲେଖ କରିଛନ୍ତି।ନୟାଗଡ଼ ସଦର ଥାନା ପୋଲିସ ସୁବାସଙ୍କ ଚିଠ ଓ ଝିଅଙ୍କ ଅଭିଯୋଗକୁ ଭିତ୍ତି କରି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ଚାହାଳି ଗାଁର ସୁବାସ ଚନ୍ଦ୍ର ବେହେରାଙ୍କୁ ଆକ୍ରୋଶମୂଳକ ମନୋଭାବ ରଖି ଗାଁରେ ଏକ ଘରକିଆ କରି ନିଆଁ, ପାଣି ବାସନ୍ଦ କରାଯାଇଥିଲା। ଏପରିକି ପରିବାରର ସଦସ୍ୟଙ୍କ ପାଇଁ ସ୍କୁଲ, ଟିଉଶନ ଓ ଦୋକାନକୁ ଯିବାକୁ ବାରଣ କରାଗଲା।ଗାଁର କୌଣସି ଲୋକଙ୍କ ସହ କଥା ନ କରିବା ପାଇଁ ରୋକ୍ ଲଗାଗଲା।କାହା ସହ କଥା ହେଲେ ଗାଁ ଲୋକଙ୍କ ପାଇଁ ୧୦ ହଜାର ଟଙ୍କା ଜରିମାନା ଘୋଷଣା କରାଗଲା। ଭୟରେ ଲୋକମାନେ ସୁବାସଙ୍କ ପରିବାର ସହ କଥା ହେଲେ ନାହିଁ।ଗାଁରେ ମିଶିବାକୁ ହେଲେ ୫ ହଜାର ଜରିମାନା ଦେବାକୁ କୁହାଗଲା। ୫ ହଜାର ଜରିମାନା ଦେବାକୁ ସୁବାସ ଅରାଜି ହେବା ପରେ ଅଶ୍ଳୀଳ ଗାଳିଗୁଲଜ କରି କଙ୍ଗାରୁକୋର୍ଟରୁ ବାହାର କରି ଦିଆଗଲା।କଙ୍ଗାରୁକୋର୍ଟ ପରେ ସୁବାସଙ୍କ ସ୍ତ୍ରୀ ଗତ ଜାନୁଆରୀ ୧୯ରେ ଅଭିଯୋଗ କରିଥିଲେ।ନୟାଗଡ଼ ସଦର ଥାନା ପୋଲିସ କଙ୍ଗାରୁ କୋର୍ଟ ଅଭିଯୋଗକୁ ବିଚାର କରି ବିବାଦର ସମାଧାନ କରିଥିଲା।ଗାଁରେ ସୁବାସ ୫ ହଜାର ଫାଇନ ଦେବେ ନାହିଁ ବୋଲି ଥାନାରେ ନିଷ୍ପତ୍ତି ହୋଇଥିଲା।ତେବେ ଘରକୁ ଘର ସମସ୍ତଙ୍କ ଘରେ ଡାକି ପୁଣି ବୈଠକ କରିବାକୁ କୁହାଯାଇଥିଲା। ସୁବାସ ଗାଁରେ ବୈଠକ ଡାକିବା ପରେ ଗାଁରେ ସଭା ହେଲା।ତେବେ ସଭାରେ ଜରିମାନା କଟିବ ନାହିଁ ବୋଲି କୁହାଗଲା। ବରଂ ଜରିମାନା ଉପରେ ପୁଣି ୭୦୦ ଟଙ୍କା ଅଧିକ ଜରିମାନା ଲଦି ଦିଆଗଲା। ଅଭିଯୋଗ କରିବାରୁ ଗାଁ ଲୋକ ଥାନାକୁ ଯିବା ବାଦରେ ଏହି ୭୦୦ ଟଙ୍କା ଅଧିକ ଜରିମାନା ହୋଇଛି ବୋଲି ସଫେଇ ଦିଆଗଲା। ସୁବାସ ଜରିମାନା ଦେବାକୁ ଅରାଜି ହେବା ପରେ ସଭାରେ ମାରପିଟ୍ କରି ବିତାଡିତ କରାଗଲା।କଙ୍ଗାରୁ କୋର୍ଟର ଜରିମାନା, ମାରପିଟ୍ ଓ ବାସନ୍ଦ ଦୁଃଖକୁ ସହ୍ୟ କରି ପାରି ସୁବାସ ଚିନ୍ତିତ ହୋଇ ଭାରସାମ୍ୟ ହରାଇ ପଡିଲେ। ଗତ ୨୭ ତାରିଖରେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରିବାର ଲୋକେ ସୁବାସଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।ଅବସ୍ଥାରେ ଉନ୍ନତି ନ ଆସିବାରୁ ସୁବାସଙ୍କୁ ଭୁବନେଶ୍ୱର ରେଫର କରାଗଲା। ପରେ ଏମସ ଓ ଘରୋଇ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା।ସୁବାସ ଏବେ ମରଣ ସହ ଆଇସିୟୁରେ ଲଢୁଛନ୍ତି।ତେବେ ଆତ୍ମହତ୍ୟା ପୂର୍ବରୁ ସୁବାସ ଏହା ଚିଠି ଲେଖି ତାଙ୍କର ଦୁର୍ଦ୍ଦଶା ପାଇଁ ଗାଁର କେତେଜଣ ଲୋକଙ୍କ ନାଁ ଲେଖିଛନ୍ତି। ଏନେଇ ସୁବାସଙ୍କ ଝିଅ ଅର୍ଚ୍ଚନା ବେହେରା କୁହନ୍ତି, ବାପାଙ୍କୁ ବାସନ୍ଦ କରାଯିବା ପରେ ଆମ ପରିବାର ଅଭିଶପ୍ତ ଜୀବନଯାପନ କରୁଛୁ।ବାପା ଜରିମାନା, ମାରପିଟ୍ ଓ ବାସନ୍ଦ ପରି ଦଣ୍ଡକୁ ସହ୍ୟ କରି ନ ପାରି ଆତ୍ମହତ୍ୟା ପଥ ବାଛି ନେଇଥିଲେ। ଭାଗ୍ୟ ବଶତଃ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଛନ୍ତି। ହେଲେ ଏବେ ଘରୋଇ ହସ୍ପିଟାଲରେ ମୃତ୍ୟୁ ସହ ଲଢ଼େଇ କରୁଛନ୍ତି। ମୋ ବାପା ଆତ୍ମହତ୍ୟା ପୂର୍ବରୁ ଏକ ଚିଠି ଲେଖିଥିଲେ।ଚିଠିଟି ପୋଲିସ ଆମ୍ଭ ଠାରୁ ନେଇ ତଦନ୍ତ କରୁଛି। ଚିଠିରେ ଯେଉଁମାନଙ୍କ ନାଁ ରହିଛି ପୋଲିସ ସେମାନଙ୍କୁ ଅଟକ ରଖି ପଚରାଉଚୁରା କଲେ କଙ୍ଗାରୁକୋର୍ଟର ଗୁମର ଖୋଲିବ। ଅନ୍ୟପକ୍ଷେ କଙ୍ଗାରୁ କୋର୍ଟ ଯୋଗୁ ମୋ ବାପାଙ୍କ ଅବସ୍ଥା ଯେପରି ଦୁର୍ବିସହ ହୋଇ ପଡିଛି ଓ ଆମ୍ଭ ପରିବାର ଅଭିଶପ୍ତ ଜୀବନଯାପନ କରୁଛୁ । ସେପରି ଦଣ୍ଡ ଆଉ କେହି ନ ଭୋଗନ୍ତୁ। ପୋଲିସ ଓ ଜିଲା ପ୍ରଶାସନ ଏହାର ଭୟାବହତାକୁ ବିଚାରକୁ ନେଇ ଦୋଷୀମାନଙ୍କୁ ଦଣ୍ଡ ଦେବା ଦରକାର କହି କାନ୍ଦି ପକାଇଛନ୍ତି।

ନୟାଗଡ଼ ଏସଡିପିଓ ସ୍ନେହାଶିଷ ସାହୁ କୁହନ୍ତି, ଚାହାଳିରେ କଙ୍ଗାରୁକୋର୍ଟର ଜରିମାନା, ମାରପିଟ୍ ଓ ବାସନ୍ଦ ପରି ଦଣ୍ଡ ନେଇ ଅଭଯୋଗ ମିଳିଛି। ପୋଲିସ ଏହାକୁ ଗୁରୁତର ସହ ନେଇ ତଦନ୍ତ ଆରମ୍ଭ କରିଛି। ଆତ୍ମହତ୍ୟା ଉଦ୍ୟମ କରିଥିବା ସୁବାସ ବେହେରାଙ୍କ ହାତ ଲେଖା ଚିଠି ଓ ଝିଅଙ୍କ ଅଭିଯୋଗକୁ ଭିତ୍ତି କରି ତଦନ୍ତ ଚାଲୁ ରହିଛି। ପୋଲିସ ସୁବାସଙ୍କ ପରିବାରକୁ ନ୍ୟାୟ ଦେବାକୁ ପଦକ୍ଷେପ ନେଇ ସାରିଛି ବୋଲି କହିଛନ୍ତି। ନୟାଗଡ଼ ସଦର ଥାନା ଆଇଆଇସି ଅନିତା ସାହୁ କୁହନ୍ତି ଆତ୍ମହତ୍ୟା ଉଦ୍ୟମ କରି ଚିକିତ୍ସାଧୀନ ଥିବା ସୁବାସ ବେହେରା ତାଙ୍କ ମା'ବାପାଙ୍କୁ ଖାଇବାକୁ ଦିଅନ୍ତି ନାହିଁ ବୋଲି ଅଭିଯୋଗ ହୋଇଥିଲା। ଏନେଇ ଗାଁ କମିଟିରେ ଓ ଥାନାରେ ଅଭିଯୋଗ ହୋଇଥିଲା। ମା'ବାପାଙ୍କୁ ଖାଇବାକୁ ଦେବାକୁ ଗାଁ କମିଟି କହିଥିଲା। ହେଲେ ସୁବାସ ମାନି ନ ଥିଲା।ପରିବାର ଭିତରେ ଏହି ବିବାଦ ୨୫ ରୁ ଊର୍ଦ୍ଧ୍ୱ ବର୍ଷ ହେଲା ଲାଗି ରହିଛି। ବାସନ୍ଦ ପରି ଅଭିଯୋଗ ପରେ ପୋଲିସ ଏହାର ସମାଧାନ କରିଥିଲା।ଜରିମାନା ଓ ବାସନ୍ଦ ଗାଁ କରିପାରିବନି ବୋଲି ପୋଲିସ କହିଥିଲା।ଯାହା କିଛି ଅସୁବିଧା ହେବ ଫାଣ୍ଡିରେ ଜଣାଇବାକୁ ସୁବାଶଙ୍କୁ କୁହାଯାଇଥିଲା।ହେଲେ ସୁବାଶ କିଛି ନକହି ଆତ୍ମହତ୍ୟା ଉଦ୍ୟମ ପରି ନିଷ୍ପତ୍ତି ନେଇଛନ୍ତି। ସୁବାସ ଏବେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।ତେବେ ତାଙ୍କର କିଡ୍‌ନୀ ରୋଗ ଓ ହାଇ ବିପି ଟେନଶନ ଆଣିଛି।ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି ବୋଲି ସୂଚନା ଦେଇଛନ୍ତି ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଆସ୍ଥା



@ ବିଷ୍ଣୁପ୍ରିୟା



@ ଶୁଭଶ୍ରୀ



@ ପ୍ରତୀକ୍ଷା



@ ସୁଶାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଭାଜପାର ବୁଥ୍ ଚାଲ କର୍ମଶାଳା



ଭାଜପା କର୍ମଶାଳାରେ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଓ ଅନ୍ୟମାନେ।

ନୟାଗଡ଼,୩୦।୧(ଲୋକନାଥ ମିଶ୍ର)

ନୟାଗଡ଼ ପୁରୁଣା ରାଜବାଟି ପରିସରରେ ସୋମବାର ଭାଜପା ପକ୍ଷରୁ ବୁଥ୍ ଚାଲ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ କନ୍ଧମାଳ ଏମ୍‌ପି ତଥା ଭାଜପା କାର୍ଯ୍ୟକାରିଣୀ ସଦସ୍ୟା ପ୍ରତ୍ୟୁଷା ରାଜେଶ୍ୱରୀ ସିଂ, ଭାଜପା ନେତା ପ୍ରହ୍ଲାଦ ବରାଡ, ସନ୍ତୋଷ ପ୍ରଧାନ, ସଞ୍ଜୟ ନାୟକ, ବସନ୍ତ ପଟ୍ଟନାୟକ, କୃପାସିନ୍ଧୁ ଗୌଡ଼ ଯୋଗଦେଇ ନୟାଗଡ଼ ନିର୍ବାଚନମଣ୍ଡଳୀର ବୁଥ୍ କର୍ମଶାଳା ସଭାରେ ବିକାଶର ଆଶା ନେଇ ପରିବର୍ତ୍ତନର ଆହ୍ୱାନ ଭୋଟରଙ୍କ ପାଖରେ ପହଞ୍ଚାଇବାକୁ କୁହାଯାଇଛି। ଅନ୍ୟପଖେ ଆସନ୍ତା ନିର୍ବାଚନ ପୂର୍ବରୁ ବୁଥ୍ ସ୍ତରକୁ ଆହୁରି କିପରି ମଜବୁତ କରିବା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ପ୍ରତିଟି ଯୋଜନା କିପରି ଘରେ ଘରେ ପହଞ୍ଚିବ ସେ ବିଷୟରେ ବିସ୍ତାର ଆଲୋଚନା କରାଯାଇଥିଲା। କର୍ମଶାଳାକୁ ଜିଲା ସାଧାରଣ ସମ୍ପାଦକ ରଞ୍ଜନ କୁମାର ପଣ୍ଡା ଏବଂ ପୁରୀ ଲୋକସଭା ସଂଯୋଜକ ଶଙ୍କର ପରିଡା ପରିଚାଳନା କରିଥିଲେ। ପରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ବାଉଁସିଆପଡ଼ା ପଞ୍ଚାୟତ, ନୟାଗଡ଼ ପୌରପାଳିକା, ନନ୍ଦିଘୋର ଏବଂ ସୁନାମୁହିଁ ପଞ୍ଚାୟତର ଖଙ୍ଗାରପଲ୍ଲୀ ଗ୍ରାମରୁ ୫୦ରୁ ଊର୍ଦ୍ଧ୍ୱ ଲୋକ ଭାଜପାରେ ଯୋଗ ଦେଇଥିଲେ।

# ବୁଲାକୁକୁର ଆକ୍ରମଣରେ ଶମ୍ବର ମୃତ

ଗଣିଆ,୩୦।୧(ସନ୍ତୋଷ କୁମାର ପ୍ରଧାନ)

ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳ ରାଜିଙ୍ଗି ବିଟ୍ ହାଉସ ଅଧୀନ ହରିପୁର ଗ୍ରାମ ଗହିରି ବିଲରୁ ମଙ୍ଗଳବାର ଅପରାହ୍ନରେ ବୁଲା କୁକୁରଙ୍କ ଆକ୍ରମଣରେ ମୃତ ସମ୍ବରକୁ ବନ୍ୟପ୍ରାଣୀ ବିଭାଗ ଜବତ କରିଛି । ଜଙ୍ଗଲରୁ ସମ୍ବରଟି ଖାଦ୍ୟ କିମ୍ବା ପାଣି ପିଇବା ପାଇଁ ଗହିରି ବିଲକୁ ଚାଲିଆସିଥିଲା। କେତେକ ବୁଲା କୁକୁର ସମ୍ବରଟିକୁ ଗହିରି ବିଲରେ କାମୁଡି କାମୁଡି ମାରିଦେଇଥିବା ସୂଚନା ମିଳିଛି । ଛାମୁଣ୍ଡିଆ ବନପାଳ ପ୍ରତାପ କୁମାର ସେଠୀ ଓ ବନରକ୍ଷୀ ପ୍ରଦ୍ୟୁମ୍ନ ପ୍ରଧାନଙ୍କ ସମେତ ବନକର୍ମଚାରୀମାନେ ସେହି ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ବୁଲା କୁକୁରମାନେ ମୃତ ସମ୍ବରକୁ ଜଗି ରହିଥିବା ଦେଖିବାକୁ ପାଇଥିଲେ ।ପରେ ବନ୍ୟପ୍ରାଣୀ ବିଭାଗ ତରଫରୁ ଏକ ୟୁଡି ମାମଲା ରୁଜୁ କରାଯିବା ସହ ମୃତ ସମ୍ବରଟିକୁ ଜବତ କରି ବନାଞ୍ଚଳ କାର୍ଯ୍ୟାଳକୁ ଅଣାଯାଇଥିଲା । ପରେ ମୃତଦେହ ବ୍ୟବଚ୍ଛେଦ ପରେ କାର୍ଯ୍ୟାଳୟ ପରିସରରେ ପୋତି ଦିଆଯାଇଥିବା ବନପାଳଙ୍କଠାରୁ ସୂଚନା ମିଳିଛି । ମୃତ ସମ୍ବରର ଆନୁମାନିକ ବୟସ ୧ବର୍ଷ। ଓଜନ ୩୦ କେଜି ହେବ ବୋଲି ସୂଚନା ମିଳିଛି ।



ମରି ପଡିଥିବା ଶମ୍ବର।

# ଲିଜ୍‌ଧାରୀଙ୍କ ରିଟ୍ ଆବେଦନକୁ ରଦ୍ଦ କଲେ ହାଇକୋର୍ଟ

ନୟାଗଡ଼,୩୦।୧(ଲୋକନାଥ ମିଶ୍ର)

■ଆଦାୟ ହେବ ଜରିମାନା
■ମୟୂରଝାଲିଆ ମାଙ୍କଡ଼ା ପଥର ଖଣି ମାମଲା

ନୟାଗଡ଼ ଜିଲା ରଣପୁର ତହସିଲ ମୟୂରଝାଲିଆ ମାଙ୍କଡ଼ା ପଥର ଖଣି ଲିଜ୍‌ଧାରୀଙ୍କ ରିଟ୍ ଆବେଦନକୁ ଶୁଣାଣୀ କରି ଜଷ୍ଟିସ ବି.ଆର.ଷଡ଼ଙ୍ଗୀ ଓ ଜଷ୍ଟିସ ମୁରାହରୀ ଶ୍ରୀରମଣଙ୍କ୍ଙ୍କ ମିଳିତ ଖଣ୍ଡପୀଠ ଉକ୍ତ ଆବେଦନକୁ ରଦ୍ଦ କରିଛନ୍ତି। ଅନ୍ୟପକ୍ଷେ କହିଛନ୍ତି, ଲିଜଧାରୀ ସୁଶାନ୍ତ କୁମାର ବରାଡ ବେଆଇନ ଖଣି ଖନନ ଓ ଉତ୍ତୋଳନ କରୁଥିବାର ଖଣି ଓ ଭୂତତ୍ୱ ନିର୍ଦ୍ଦେଶକ ରିପୋର୍ଟ ପ୍ରଦାନ କରିଛନ୍ତି। ରିପୋର୍ଟ ଅନୁସାରେ ସରକାରୀ ଜରିମାନା ଆଦାୟ କରାଯିବା ଉଚିତ୍ । ମାଙ୍କଡା ଖଣି ଖନନ ମାମଲାରେ ଏନ୍‌ଜିଟିଙ୍କ ନିର୍ଦ୍ଦେଶ ପରେ ଖଣି ଲିଜ୍‌ଧାରୀ ସୁଶାନ୍ତ କୁମାର ବରାଡଙ୍କୁ ରଣପୁର ତହସିଲ ତରଫରୁ ଚିଠି ନଂ-୧୭୭,୧୦।୧।୨୦୨୩ ରେ ବେଆଇନ ମାଙ୍କଡ଼ା ପଥର ଓ ମୋରମ ଖଣି ଖନନ ମାମଲାରେ ୨ କୋଟି ୮୧ ଲକ୍ଷ ୫୯ ହଜାର ୯୪୫ ଟଙ୍କା କ୍ଷତିପୂରଣ ଦେବା ପାଇଁ ଡିମାଣ୍ଡ ନୋଟିସ ପଠାଯାଇଥିଲା । କିନ୍ତୁ ଲିଜଧାରୀ ଶୁଶାନ୍ତ ଉକ୍ତ ଜରିମାନାରୁ ରକ୍ଷା ପାଇବା ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇ ଡବ୍ଲ୍ୟୁପି(ସି) ନଂ ୨୦୯୦୯/୨୦୨୩ ଦାଖଲ କରିଥିଲେ ।

# ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ପାଇଁ ହୋମଯଜ୍ଞ, ପୂଜାର୍ଚ୍ଚନା

ଖଣ୍ଡପଡ଼ା,୩୦।୧
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ଗଡିଆସାହି ପଞ୍ଚାୟତ ପଥରଗଣ୍ଡ ଗ୍ରାମରେ ଗତ ୩ ଦିନ ଧରି ଶ୍ରୀରାମଙ୍କ ମନ୍ଦିର ପ୍ରତିଷ୍ଠା ନେଇ ମନ୍ଦିର ପରିସରରେ ଚାଲିଛି ହୋମଯଜ୍ଞ, ପୂଜାର୍ଚ୍ଚନା ଓ ବେଦ ମନ୍ତ୍ରପାଠ। ଆଖପାଖ ଅଞ୍ଚଳର ଶତାଧିକ ବ୍ରାହ୍ମଣଙ୍କ ଦ୍ୱାରା ମନ୍ଦିର ପରିସରର ପାରମ୍ପରିକ ଦେବନୀତି ଅନୁଯାୟୀ ସମସ୍ତ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେଉଛି ।ଏହି ଅବସରେ ଏକ କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ଶ୍ରୀରାମଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ନେଇ ଉତ୍ସବମୁଖର ହୋଇଉଠିଛି ପଥରଗଣ୍ଡ ଗ୍ରାମ । ବୁଧବାର ମନ୍ଦିରରେ ବିଗ୍ରହଙ୍କ ପ୍ରାଣ ପ୍ରତିଷ୍ଠା ସହ ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ ବୋଲି ପଥରଗଣ୍ଡ ଗ୍ରାମବାସୀଙ୍କ ସୁତ୍ରରୁ ଜଣାପଡିଛି ।

## ଅନିଚ୍ଛାକୃତ ତ୍ରୁଟି



ମଙ୍ଗଳବାର ଧରିତ୍ରୀରେ ନୟାଗଡ଼ ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କ ଫଟୋଟି ଭୁଲକ୍ରମେ 'ଜିଲା ପରିଷଦ ବୈଠକର ଗୁରୁତ୍ୱ ହ୍ରାସ ପାଉଛି' ଶୀର୍ଷକ ଖବରରେ ରାମେଶ୍ୱର ଶତପଥୀଙ୍କ ନାମ ଲେଖାଯାଇ ପ୍ରକାଶ ପାଇଥିଲା। ଏହି ଅନିଚ୍ଛା କୃତ ତ୍ରୁଟି ପାଇଁ ଆମେ ଦୁଃଖିତ।

# ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ

ଖଣ୍ଡପଡ଼ା,୩୦।୧
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ଯୋଗିଆପଲ୍ଲୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ବସନ୍ତ କୁମାର ସାହୁ ଆଜିର ଦିବସ ପାଳନର ମହତ୍ୱ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ସୂଚନା ପ୍ରଦାନ କରିଥିଲେ । ଅନୁଷ୍ଠାନ ପରିସରରେ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ମହାତ୍ମାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ ।



ମହାତ୍ମା ଗାନ୍ଧୀଙ୍କୁ ଛାତ୍ରୀଛାତ୍ରମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

# ରାସ୍ତା ନ ହେଲେ ଭୋଟ ବର୍ଜନ ନିଷ୍ପତ୍ତି

ନୂଆଗାଁ,୩୦।୧ (ଧନେଶ୍ୱର ସାହୁ)

■ନିର୍ବାଚନ ପରେ ଲୋକ ପ୍ରତିନିଧିଙ୍କ ଦେଖା ନାହିଁ
■ଗହଳମଡା ଗ୍ରାମରେ ବିଧାୟକଙ୍କ ପାଦ ପଡିନି
■ରାସ୍ତା ନ ଥିବାରୁ ପାଠପଢା ଛାଡୁଛନ୍ତି ଛାତ୍ରୀଛାତ୍ର

ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ନୂଆଗାଁ ବ୍ଲକ କୋରଡା ପଞ୍ଚାୟତ ଗହଳମଡା ଗ୍ରାମକୁ ରାସ୍ତା ନାହିଁ । ରାସ୍ତା ପାଇଁ ବାରମ୍ବାର ଗୁହାରୀ କରୁଥିଲେ ମଧ୍ୟ କେହି ଶୁଣୁ ନାହାନ୍ତି। ତେଣୁ ରାସ୍ତା କରା ନ ଗଲେ ଆସନ୍ତା ସାଧାରଣ ନିର୍ବାଚନରେ ଗହଳମଡା ଗ୍ରାମବାସୀ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି। ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ସାରା ଦେଶ ଆଜାଦି କା ଅମୃତ ମହୋତ୍ସବ ପାଳନ କରିଛି। ହେଲେ ସ୍ୱାଧୀତାର ୭୫ ବର୍ଷ ପରେ ବି ନୂଆଗାଁ ବ୍ଲକ କୋରଡ଼ା ପଞ୍ଚାୟତର ଗହଳମଡ଼ା ଗ୍ରାମକୁ ରାସ୍ତା ନାହିଁ ଶୁଣିଲେ ଯେ କେହି ବି ଆଶ୍ଚର୍ଯ୍ୟ ହେବ। ସରକାର ପ୍ରତି ଗାଁକୁ ସଂଯୋଗ କରିବା ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ରାସ୍ତା ନିର୍ମାଣ ପାଇଁ ଅନେକ ଅର୍ଥବ୍ୟୟ କରୁଛନ୍ତି। କିନ୍ତୁ ନୂଆଗାଁ ବ୍ଲକ କାର୍ଯ୍ୟାଳୟଠାରୁ ମାତ୍ର ୧୦ କିଲୋମିଟର ଦୂରରେ ଅବସ୍ଥିତ ଥିବା ଗହଳମଡ଼ା ଗ୍ରାମବାସୀଙ୍କ ପାଇଁ ରାସ୍ତା ସାତ ସପନ ପାଲଟିଛି। ଗହଳମଡ଼ା ଗ୍ରାମରେ ପ୍ରାୟ ୧୫ ପରିବାରର ୬୦ ଲୋକ ବସବାସ କରନ୍ତି। ଗ୍ରାମର ମଧୁସୂଦନ ନାୟକଙ୍କ କହିବା କଥା ଗ୍ରାମଟି ପ୍ରାୟ ୪୦ ବର୍ଷରୁ ଊର୍ଦ୍ଧ୍ୱ ବର୍ଷ ହେବ ସ୍ଥାପିତ ହେଲାଣି । କେତେଜଣ ନେତା ଆସି ଭୋଟ ନେଲେଣି କିନ୍ତୁ ରାସ୍ତା ନିର୍ମାଣ କଥା କେହି ଶୁଣୁ ନାହାନ୍ତି। ପଞ୍ଚାୟତ ନିର୍ବାଚନ ଆସିଲେ ନେତାମାନଙ୍କ ସୁଅ ଛୁଟୁଥିବା ବେଳେ ଜିତିବା ପରେ ସରପଞ୍ଚ କିମ୍ବା ସମିତି ସଭ୍ୟଙ୍କ ଦେଖା ମିଳୁନି । ଏପରିକି ଉକ୍ତ ଗ୍ରାମରେ ବିଧାୟକଙ୍କ ପାଦ ପଡିନି କିମ୍ବା ବିଧାୟକ କିଏ ବୋଲି ଜାଣି ନ ଥିବା କହିଛନ୍ତି ଗ୍ରାମବାସୀ । ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥଠାରୁ ପ୍ରାୟ ୩ କି.ମି. ଦୂରରେ ଥିବା ଗହଳମଡା ଗ୍ରାମକୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ କିମ୍ବା କୌଣସି ତିନି ଚକିଆ , ଚାରି ଚକିଆ ଗାଡି ଯିବା ସମ୍ଭବ ହେଉନି। ଫଳରେ ଅନେକ ଜୀବନହାନି ଘଟୁଥିବା କହିଛନ୍ତି ଗ୍ରାମବାସୀ। ଶିଶୁମାନେ ଅଙ୍ଗନୱାଡ଼ି କିମ୍ବା ଛାତ୍ରୀଛାତ୍ରମାନେ ପାଠପଢିବାକୁ ଯିବାକୁ ହେଲେ ୧ କି.ମି. ଜଙ୍ଗଲିଆ ଗହୀର ଭିତରେ ଯିବାକୁ ପଡୁଛି । ଅଷ୍ଟମ ଶ୍ରେଣୀ ପରେ ଉଚ୍ଚ ଶିକ୍ଷା ପାଇଁ କୋରଡା କିମ୍ବା ନୂଆଗାଁ ଆସିବାକୁ ପଡିଥାଏ । କିନ୍ତୁ ରାସ୍ତା ନ ଥିବାରୁ ଜଙ୍ଗଲିଆ ଓ ବର୍ଷାଦିନେ ଚାଲିକି ଯିବା ଆସିବା କରି ପାଠ ପଢ଼ିବା ସମ୍ଭବ ନ ହେବାରୁ ସାଗର ମଲିକ ଅଷ୍ଟମ ଶ୍ରେଣୀ ପରେ ପାଠପଢାରେ ଡୋରି ବାନ୍ଧିଲେ । ସନ୍ତୋଷ ପ୍ରଧାନ ଦଶମ ପାସ୍ କରିଥିଲେ ମଧ୍ୟ ଉଚ୍ଚ ଶିକ୍ଷା ଲାଭ କରି ପାରିଲେ ନାହିଁ । ସାମାନ୍ୟ ବର୍ଷାରେ ମଧ୍ୟ ଗାଁରୁ ଲୋକମାନେ ଜାତୀୟ ରାଜପଥକୁ ଆସି ପାରନ୍ତି ନାହିଁ । ବର୍ଷା ଦିନ କଥା ନ କହିବା ଭଲ । ତେବେ ଗହଳମଡ଼ାକୁ ରାସ୍ତା ନିର୍ମାଣ କରା ନ ଗଲେ ଆସନ୍ତ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି ପ୍ରଫୁଲ ସ୍ୱାଇଁ , ଦିଲୀପ ସ୍ୱାଇଁ , ଦେବରାଜ ପ୍ରଧାନ, ଝୁମ୍ପେଇ ନାୟକ, ବୁଧେଇ ସ୍ୱାଇଁ, ମୀନା ମଲିକଙ୍କ ସମେତ ଗ୍ରାମବାସୀ । ଗହଳମଡ଼ାକୁ ରାସ୍ତା ନିର୍ମାଣ ବାବଦରେ ବିଡିଓ ବାସୁଦେବ ନାୟକଙ୍କୁ ପଚାରିବାରେ ଏହି ଗ୍ରାମ ବିଷୟରେ ବୁଝିବି ଓ ସମସ୍ୟା ସମାଧାନ କରିବା ପାଇଁ ଚେଷ୍ଟା କରିବି ବୋଲି କହିଛନ୍ତି ।



ଗହଳମଡାକୁ ଜଙ୍ଗଲିଆ ରାସ୍ତା ।

